ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୦ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 December 2024
Vol.No. 35 ■ No.338 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସଂସଦରେ ଧକ୍କାକାଣ୍ଡ: ସାରା ଦେଶ ହୁଲସ୍ଥୁଲ

■ସାଂସଦ ପ୍ରତାପ ଷଡଙ୍ଗୀ ତଳେ ପଡ଼ି ଫାଟିଲା ମୁଣ୍ଡ
■ପରସ୍ପର ବିରୋଧରେ ଥାନାକୁ ଗଲେ କଂଗ୍ରେସ ଓ ବିଜେପି
■ଖଡ଼ଗେ ଆଣିଲେ ଅଭିଯୋଗ: କହିଲେ, ବିଜେପି ସାଂସଦ ଠେଲିଦେଲେ, ମୋ ଆଣ୍ଠୁରେ ଲାଗିଛି ଆଘାତ

ନୂଆଦିଲ୍ଲୀ, ୧୯/୧୨ : ସଂସଦ ବାହାରେ ବିଜେପି ଓ କଂଗ୍ରେସ ସାଂସଦଙ୍କ ମୁହାଁମୁହିଁ ସ୍ଥିତିକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ଯୁଦ୍ଧ। ଉଭୟ ଦଳର ସାଂସଦଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଆରୋପ ପ୍ରତ୍ୟାରୋପ ଏବେ ଥାନାରେ ପହଞ୍ଚିଛି। ଉଭୟ ବିଜେପି ଓ କଂଗ୍ରେସ ଦଳର ସାଂସଦ ପରସ୍ପର ବିରୋଧରେ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନେତୃତ୍ୱରେ ବିଜେପି ସାଂସଦଙ୍କ ଏକ ପ୍ରତିନିଧି ଦଳ ଦିଲ୍ଲୀ ପୁଲିସର ଦ୍ୱାରସ୍ଥ ହୋଇଛି। କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜେ ବିଜେପି ସାଂସଦଙ୍କୁ ଆକ୍ରମଣ କରିବା ସହ ନିଜ ଦଳର ସାଂସଦଙ୍କୁ ମଧ୍ୟ ହିଂସା କରିବାକୁ ଉସୁକାଇଥିବା ନେଇ ସଂସଦ ମାର୍ଗ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଥାନା ଆଗରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଭାରତ ନ୍ୟାୟ ସଂହିତାର ଧାରା ୧୦୯ (ହତ୍ୟା ଉଦ୍ୟମ) ସମେତ ୧୧୫, ୧୧୭, ୧୨୫, ୧୩୧ ଓ ୩୫୧ ଭଳି ଧାରା ଅଧିନରେ ଆମେ ଏତଲା ଦେଇଛୁ। ବିଜେପି ସାଂସଦମାନଙ୍କ ଆନ୍ଦୋଳନ ସମୟରେ ୬୯ ବର୍ଷୀୟ ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ ଗାନ୍ଧୀ ଠେଲି ଦେଇଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର। ବିଜେପିର ଅଭିଯୋଗ ମୁତାବକ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟତୀତ ଅନ୍ୟଜଣେ ସାଂସଦ ମୁକେଶ ରାଜପୁତ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେମାନଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିବା କୁହାଯାଉଛି। ଅନ୍ୟପଟେ କଂଗ୍ରେସ ସାଂସଦଙ୍କ ଏକ ପ୍ରତିନିଧି ଦଳ ସେହି ସଂସଦ ମାର୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମସ୍ତ ଘଟଣା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରଚାଯାଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଗୋଟିଏ ଦିନ ପୂର୍ବରୁ ସଂସଦରେ ଦଳିତ ନେତା(ଖଡଗେ)ଙ୍କୁ ଅପମାନିତ କରାଯାଇଥିଲା। ▶▶ପୃଷ୍ଠା ୭

ନୂଆବର୍ଷରୁ ନୂଆ ବ୍ୟବସ୍ଥା
ବାରିକେଡରେ ଯାଇ ଦର୍ଶନ କରିବେ ଶ୍ରଦ୍ଧାଳୁ

ପୁରୀ, ୧୯/୧୨ (ନି.ପ୍ର): ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା। ଜାନୁଆରୀ ପହିଲାରୁ ଲାଗୁ ହେବ ନାଟମଣ୍ଡପରେ ବ୍ୟାରିକେଡ ଓ ରାଂପ୍ ସିଷ୍ଟମ। ସ୍ୱତନ୍ତ୍ର ବାରିକେଡ ଯୋଗେ ଶ୍ରୀଜିଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦିବ୍ୟାଙ୍ଗ, ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ପୁରୁଷ ଭକ୍ତଙ୍କ ପାଇଁ ରହିବ ଅଲଗା ଅଲଗା ଲାଇନ। ତେବେ କେମିତି ଓ କେଉଁଠୁ ଆରମ୍ଭ ହେବ ବ୍ୟାରିକେଡ୍ ଏ ନେଇ ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଅବଗତ କରାଯିବା ସହ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଓବିସିସି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସବିଶେଷ ଆଲୋଚନା ସରିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି ଯେ, ଛତିଶା ନିଯୋଗରର ପରାମର୍ଶ ▶▶ପୃଷ୍ଠା ୭

ରବିବାର ସକାଳ ଯାଏଁ ବର୍ଷା

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଦକ୍ଷିଣ ବଙ୍ଗୋପ ସାଗରରେ ଲଘୁଚାପ ସକ୍ରିୟ ଥିବା ବେଳେ ରବିବାର (୨୨ ଡିସେମ୍ବର) ସକାଳ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହିତ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୨୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର ▶▶ପୃଷ୍ଠା ୭

ବିଦ୍ୟୁତ୍ ମିଟର ଟାମ୍ପରିଂ: ସାଂସଦଙ୍କ ଘରେ ପଶିଲା ପୁଲିସ

ନୂଆଦିଲ୍ଲୀ, ୧୯/୧୨ : ଉତ୍ତରପ୍ରଦେଶ ସମ୍ଭଲର ସମାଜବାଦୀ ପାର୍ଟି ସାଂଦସଙ୍କ ଘରେ ପଶିଲା ପୁଲିସ ଫୋର୍ସ । ସାଂସଦ ଜିୟା ଉର ରେହମାନଙ୍କ ନାଁରେ ବିଦ୍ୟୁତ ମିଟର ଟାମ୍ପରିଂର ଅଭିଯୋଗ ଆସିଛି। ଆଜି ସକାଳୁ ପୁଲିସ ଫୋର୍ସ ସହ ବିଦ୍ୟୁତ ବିଭାଗ ଟିମ୍ ସାଂସଦଙ୍କ ▶▶ପୃଷ୍ଠା ୭

ବିଟ୍ ରାସ୍ତାରେ ଓଆଇସିଙ୍କ ଦାଦାଗିରି: ଫଟୋ ଭାଇରାଲ ପରେ ହେଲା ବଦଳି

କଟକ, ୧୯/୧୨ (ନି.ପ୍ର): ଜଣେ ବାଇକ୍ ଚାଳକଙ୍କୁ ତଳେ ପକାଇ ତାଙ୍କ ଉପରେ ଛିଡ଼ା ହେବା କଟକ ଜିଲ୍ଲା ବୈଦେଶ୍ୱର ଥାନା ଓଆଇସି ପ୍ରିୟଦର୍ଶନ ସେଠୀଙ୍କୁ ମହଙ୍ଗା ପଡ଼ିଛି। ଏହାର ଫଟୋ ଭାଇରାଲ ହେବା ପରେ ତାଙ୍କୁ କଟକ ଗ୍ରାମାଞ୍ଚଳ ଏସ୍‌ପି ଅଫିସକୁ ବଦଳି କରାଯାଇଛି। ସୋଶାଲ ମିଡିଆରେ ଭାଇରାଲ ଫଟୋରେ ଦେଖିବାକୁ ମିଳିଛି ଯେ ବୈଦେଶ୍ୱର ଟି-ବ୍ରିଜ୍ ଉପରେ ଜଣେ ବାଇକ ଚାଳକଙ୍କୁ ତଳେ ପକାଇ ତାଙ୍କ ପିଠି ଉପରେ ଗୋଟିଏ ଗୋଡ଼ ରଖି ମୋବାଇଲରେ କଥା ହେଉଛନ୍ତି ପ୍ରିୟଦର୍ଶୀ ସେଠୀ। ସେତେବେଳେ ସେଠାରେ ବାଇକଟି ପଡ଼ିଥିବା ବେଳେ ଅନ୍ୟ ଜଣେ ଯୁବକ ଆଣ୍ଠେଇ ଥିବା ଦେଖିବାକୁ ମିଳିଛି। ଏହା କେଉଁ ଦିନର ଘଟଣା, ତାହା ସ୍ପଷ୍ଟ ହୋଇନି। ତେବେ ଶୁଣିବାକୁ ମିଳିଛି, ଘଟଣାଟି କିଛି ଦିନ ତଳର। ରାତିରେ ଟି-ବ୍ରିଜ୍ ନିକଟରେ ପାଟ୍ରୋଲିଂ କରୁଥିଲା ବୈଦେଶ୍ୱର ଥାନା ପୁଲିସ। ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ନିଜେ ସେଠାରେ ଉପସ୍ଥିତ ଥିଲେ। ସେତିକି ବେଳେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କୁ ସେ ଅଟକାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ▶▶ପୃଷ୍ଠା ୭

ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍: ମା'ପୁଅ ମୃତ, ବାପା ଗୁରୁତର

ଅନୁଗୋଳ, ୧୯/୧୨ (ନି.ପ୍ର): ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ନିକଟରେ ୫୫ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି, ମନୀଷା ସାଓ ଏବଂ ତାଙ୍କର ୩ ବର୍ଷର ପୁଅ ହର୍ଷଦ ରାଠୋର। ମନୀଷାଙ୍କ ସ୍ୱାମୀ ରୋହିତ ରାଠୋରଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରୋହିତ ରାଠୋର କୌଣସି କାମରେ ବାଇକ୍‌ରେ ପତ୍ନୀ ମନୀଷା ଓ ପୁଅ ହର୍ଷଦଙ୍କୁ ଧରି ମେରାମୁଣ୍ଡଳୀରୁ ଅନୁଗୋଳ ଅଭିମୁଖେ ଯାଉଥିଲେ। ସେହି ସମୟରେ ବୁଢ଼ାପଙ୍କ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ମନୀଷାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରୋହିତ ଓ ୩ ବର୍ଷର ଶିଶୁ ପୁତ୍ର ହର୍ଷଦଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ହର୍ଷଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

କୋଡ଼ିଙ୍ଗା ତହସିଲଦାରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ

ନବରଙ୍ଗପୁର, ୧୯/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ତହସିଲଦାର ସୁବ୍ରତ କୁମାର ବେହେରାଙ୍କୁ ଆଜି ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି ବଲାଙ୍ଗିର ଭିଜିଲାନ୍ସ କୋର୍ଟ। ତା'ସହିତ ତାଙ୍କୁ ୩୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ୨୦୧୮ ମସିହାରେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଥିବା ସମୟରେ ସୁବ୍ରତ କୁମାର ବେହେରା ୨୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ। ସେହି ମାମଲାରେ ତାଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜଶିଟ୍ ଦାଖଲ କରିଥିଲା ଓ ଭିଜିଲାନ୍ସ କୋର୍ଟରେ ଏହାର ବିଚାର ଚାଲିଥିଲା। ଜଣେ ବ୍ୟକ୍ତି ତାଙ୍କ ଜମି ବିକ୍ରି କରିବାକୁ ଚାହୁଁଥିବା ବେଳେ ଏ ସଂପର୍କିତ ସେଲ୍ ଡିଡ୍ ରେଜିଷ୍ଟ୍ରେସନ ପାଇଁ ସୁବ୍ରତ କୁମାର ବେହେରା ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଯୋଜନା ମୁତାବକ ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ ତତ୍କାଳୀନ ତରଭା ତହସିଲଦାର ଶ୍ରୀ ବେହେରା। ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ସୁବ୍ରତ କୁମାର ବେହେରାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜରେ କୁହାଯାଇଛି।

ମୁଁ ଆଇଏଏସ୍ ଅଫିସର: ଚାକିରି କରାଇଦେବି କହି ଲୁଟୁଥିଲେ ମହିଳା

କଟକ , ୧୯/୧୨ (ନି.ପ୍ର): "ମୁଁ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଆଇଏଏସ୍ ଅଧିକାରୀ। ମୁଁ ବଡ଼ ବଡ଼ କମ୍ପାନୀର ଚାକିରି କରାଇ ଦେବି। ଏଥିପାଇଁ କିଛି ଟଙ୍କା ଦେବାକୁ ପଡ଼ିବ।" ଏପରି କହି ଆଶାୟୀଙ୍କୁ ଚୂନ ମାରୁଥିଲେ ମହିଳା। ଏପରି କୋଟିକୋଟି ଟଙ୍କା ଠକେଇ ଅଭିଯୋଗରେ ଜଣଙ୍କୁ ବାନ୍ଧିଛି ପୁଲିସ। ହେଲେ ଏହି ଘଟଣାର ମାଷ୍ଟରମାଇଣ୍ଡ ସଂପୃକ୍ତ ମହିଳା ଜଣଙ୍କ ଫେରାର ହୋଇଯାଇଛନ୍ତି। ଏପରି ଅଭିଯୋଗ ଆସିଛି କଟକରୁ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିଡ଼ାନାସୀ ସୁଭଦ୍ରାନଗର ଅଞ୍ଚଳର ଡାନିଏଲ୍ ରାଜ୍। ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ନେଇ କଟକ ବିଡାନାସୀ ଥାନାରେ ଅଭିଯୋଗ ହୋଇଛି। ବିଡାନାସୀ ଅଞ୍ଚଳରେ ରହୁଥିବା ଜଣେ ମହିଳା ନିଜକୁ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଆଇଏଏସ୍ ଅଧିକାରୀ ବୋଲି ନିଜକୁ ପରିଚୟ ଦେଉଥିଲେ।ରେଳବାଇ, ଓଡ଼ିଶା ଷ୍ଟାଫ ସିଲେକ୍ସନ କମିସନ, ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ହେଉଥିବା ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଚାକିରି କରାଇ ଦେବାକୁ କହି ନିଜ ଜାଲରେ ଫସାଉଥିଲେ। ଏଭଳି ମିଛ ପ୍ରତିଶ୍ରୁତି ଦେଇ ଆଶାୟୀଙ୍କଠାରୁ କୋଟିକୋଟି ଟଙ୍କା ଆଣୁଥିଲେ। ହେଲେ ଆଶାୟୀମାନଙ୍କୁ ଚାକିରି ମିଳୁନଥିଲା। ଏହି ଠକେଇର ଶିକାର ହୋଇଥିବା ଜଣେ ଆଶାୟୀ କଟକ ବିଡାନାସୀ ▶▶ପୃଷ୍ଠା ୭

ଆକ୍ସନ ମୁଡରେ ଇଡି: ଦ୍ୱିତୀୟ ଦିନରେ ପ୍ରମିଳା ମଲ୍ଲିକଙ୍କ ଭାଇଙ୍କ ଘରେ ରେଡ୍

ସମ୍ବଲପୁର, ୧୯/୧୨ (ନି.ପ୍ର): ଆକ୍ସନ ମୁଡରେ ଇଡି। ଆଜି ବି ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଭାଇ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକଙ୍କ ଘରେ ଚଢ଼ାଉ କରିଛି ଇଡି। ଦ୍ୱିତୀୟ ଦିନରେ ପ୍ରମିଳାଙ୍କ ଭାଇଙ୍କ ଘରେ ଏହି ଚଢ଼ାଉ ଚାଲିଛି। ସମ୍ବଲପୁରର ବାଣିପାଲିରେ ଥିବା ଘରେ ରେଡ୍ ଚାଲିଥିବା ଜଣାଯାଇଛି। ବିଶ୍ୱ ଏନଜିଓର ଫାଉଣ୍ଡର ଥିଲେ ପ୍ରମିଳା ମଲ୍ଲିକ ଭାଇ ସ୍ୱର୍ଗତ କ୍ଷୀରୋଦ ମଲ୍ଲିକ । ଗତକାଲି ସମ୍ବଲପୁରରେ ଥିବା ବିଶ୍ୱ ଏନଜିଓର ମୁଖ୍ୟ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଦିଲ୍ଲୀରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗତକାଲି ଇଡିର ଅଧିକାରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିଲେ ▶▶ପୃଷ୍ଠା ୭

ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ

ନୂଆଦିଲ୍ଲୀ, ୧୯/୧୨ : ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ସମ୍ବିଧାନର ଧାରା ୬୭(ବି) ଅଧୀନରେ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏହି ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ହେଲେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ପୂର୍ବରୁ ୧୪ ଦିନିଆ ନୋଟିସ ଦିଆଯାଇନଥିବା ଓ ପ୍ରସ୍ତାବରେ ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ଭୁଲ ଲେଖାଯାଇଥିବା ଦର୍ଶାଇ ଏହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଛନ୍ତି ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ। ସୂଚନା ଅନୁସାରେ ରାଜ୍ୟସଭା ଉପାଧ୍ୟକ୍ଷ କହିଛନ୍ତି ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦରେ ରହିଥିବା ବ୍ୟକ୍ତିଙ୍କୁ ବଦନାମ କରିବା ପାଇଁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା। ଉପରାଷ୍ଟ୍ରପତିଙ୍କ ବିରୋଧରେ ମନଗଢ଼ା କାହାଣୀ କହିବା ପାଇଁ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାର କାରଣ ଦର୍ଶାଇବାକୁ ଯାଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ କହିଛନ୍ତି ଯେ ଏଭଳି ପ୍ରସ୍ତାବ ଆଣିବା ପାଇଁ ୧୪ ଦିନିଆ ନୋଟିସ ଦେବା ବାଧ୍ୟତାମୂଳକ। ହେଲେ ଏ କ୍ଷେତ୍ରରେ ଏହି ନୋଟିସ ଦିଆଯାଇନାହିଁ। ଏଥିରେ ଗୃହର ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ମଧ୍ୟ ଭୁଲ ଲେଖାଯାଇଥିବା ସେ କହିଛନ୍ତି। ତେବେ ରାଜ୍ୟସଭା ଇତିହାସରେ ପ୍ରଥମ ଥର ପାଇଁ ଗୃହର ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ରାଜ୍ୟସଭାକୁ ପରିଚାଳନା କରିବା ବେଳେ ଅଧ୍ୟକ୍ଷ ଧନଖଡ଼ ପାତରଅନ୍ତର କରୁଥିବା ବିରୋଧୀ ଇଣ୍ଡିଆ ମେଣ୍ଟର ▶▶ପୃଷ୍ଠା ୭

ଧରାପଡ଼ିଲେ ୮ ଆତଙ୍କବାଦୀ
ଆରଏସଏସକୁ ଟାର୍ଗେଟ ପାଇଁ କରିଥିଲେ ମସୁଧା

ନୂଆଦିଲ୍ଲୀ, ୧୯/୧୨ : ଆସାମ ପୁଲିସ୍‌ର ସ୍ପେଶାଲ ଟାସ୍କ ଫୋର୍ସ ବା ଏସଟିଏଫକୁ ମିଳିଛି ବଡ଼ ସଫଳତା। କେରଳ, ଆସାମ ଓ ବେଙ୍ଗଲରୁ ଏସଟିଏଫ ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ବାଂଲାଦେଶର ଜଣେ ଆତଙ୍କବାଦୀ ମଧ୍ୟ ରହିଛି। ସେ କୁଖ୍ୟାତ ଆତଙ୍କୀ ସଂଗଠନ ଅଲ କାଏଦାର ସଦସ୍ୟ। ଗିରଫ ୮ ଆତଙ୍କବାଦୀମାନେ ଆରଏସଏସ ଓ ବିଭିନ୍ନ ହିନ୍ଦୁ ସଂଗଠନ ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସବୁ ପ୍ରକାରର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ହେଲେ ସେମାନଙ୍କ ସବୁ ଯୋଜନାକୁ ଏସଟିଏଫ ପଣ୍ଡ କରିଦେଇଛି। ଆରଏସଏସ ଓ ହିନ୍ଦୁ ସଂଗଠନକୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ବାଂଲାଦେଶର ନାଗରିକ ମହମ୍ମଦ ସାଦ ରବି ଓରଫ ମହମ୍ମଦ ଶାହବ ଶେଖ ନଭେମ୍ବର ମାସରେ ଭାରତ ଆସିଥିଲା। ସେ ଭାରତରେ ପହଞ୍ଚି ଆସାମ ଓ ପଶ୍ଚିମବଙ୍ଗରେ ଥିବା ନିଜର ସ୍ଲିପର ସେଲ୍‌କୁ ଆକ୍ଟିଭ୍ କରିଥିଲା। ▶▶ପୃଷ୍ଠା ୭

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଠାରେ ଆୟୋଜିତ ହୋଇଛି। ଏଥିରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ ଚାଷୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣିସମ୍ପଦ ଓ ମତ୍ସ୍ୟଚାଷ ଅନେକଙ୍କୁ ଦେଇଛି ନୂଆ ପରିଚୟ। ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କ ମୁହଁରେ ଫୁଟାଇଛି ହସ। ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇଛି। ମତ୍ସ୍ୟ ଓ ପ୍ରାଣି ସମ୍ପଦର ବିକାଶ ସମ୍ପ୍ରତି ଗ୍ରାମାଂଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି। ତେଣୁ ରାଜ୍ୟ ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଏହି ମେଳା ଗୋପାଳକ, ପ୍ରାଣୀପାଳକ, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଶେଷଜ୍ଞ ଏବଂ ବ୍ୟବସାୟିକ ସଂସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ପ୍ରକୃଷ୍ଟ ମଂଚ। ମତ୍ସ୍ୟ ଓ ପ୍ରାଣୀପାଳନ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ନୂତନ ଜ୍ଞାନକୌଶଳ ସମ୍ପର୍କରେ ଚାଷୀମାନେ ଜାଣିବାର ସୁଯୋଗ ପାଇଥାନ୍ତି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ୫ ବର୍ଷରେ ୧୪୨୩ କୋଟିରୁ ଅଧିକ ଟଙ୍କା ବିନିଯୋଗ ହେବ। ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ରିହାତି ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ହିତାଧିକାରୀ ମାନଙ୍କୁ ୫୦ ପ୍ରତିଶତ ରିହାତି ସହ ଓଡ଼ିଶା ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ଦିଆଯାଉଛି। ସେହିଭଳି "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ" ଯୋଜନାରେ ୫ବର୍ଷ ନିମନ୍ତେ ୨ହଜାର ୨୩୯କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହାର ସୁଫଳ ପ୍ରାୟ ୧୪ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ। ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂସହାୟକ ଗୋଷ୍ଠୀଏଥିରୁ ଯଥେଷ୍ଟ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ଓ ଉକ୍ତ ଶୁଭ ଉଦ୍ଘାଟନ ଉତ୍ସବ ପ୍ରାରମ୍ଭରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତିପୁଷ୍ପ ପ୍ରଦାନ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟଚାଷୀ ଓ ୨ଜଣ ପ୍ରାଣୀପାଳକଙ୍କୁ ପୁରସ୍କୃତ କରାଯାଇଥିଲା ଓ ୨୦୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ ଓ ୩୬ ଟି ଷ୍ଟଲ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା ଓ ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ବିଶ୍ରା ବ୍ଲକରେ ଆୟୋଜିତ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଉଡୁସୁ ଫୁଟବଲ କ୍ଲବ ଚମ୍ପିୟନ

ରାଉରକେଲା, ୧୯/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସିଏସଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ ଅନ୍ତର୍ଗତ ବଡବମ୍ଭୁଆ ଗ୍ରାମ ପଞ୍ଚାୟତର କୁଲନବାହାଲ ଗ୍ରାମରେ ଡିସେମ୍ବର ୧୭ ତାରିଖ ଦିନ ଅନୁଷ୍ଠିତ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ'ରେ ଉଡୁସୁ ଫୁଟବଲ କ୍ଲବ ଚମ୍ପିୟନ ରୂପେ ଉଭା ହୋଇଥିଲା। ଏହାର ଉଦଯାପନୀ ସମାରୋହରେ ଆରଏସପି ମେଣ୍ଟେନାଂଶ ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଏସ ଏସ ରାୟଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ଟୁର୍ନାମେଣ୍ଟର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆରଏସପି ସି ଏସ ଆର ବିଭାଗର ଜି ଏମ ଇନ-ଚାର୍ଜ ଶ୍ରୀ ମୁନ ମୁନ ମିତ୍ରା, ପୂର୍ବତନ ବିଧାୟକ ତଥା ଜିଲ୍ଲା ପରିଷଦର ଶ୍ରୀ ହାଲୁ ମୁଣ୍ଡାରୀ, ସି ଏସ ଆର ବିଭାଗ ର ଜିଏମ ଶ୍ରୀ ବି ମଲ୍ଲିକ, ଏଜିଏମ ଶ୍ରୀ ଟି ବି ଟପ୍ପୋ ଓ ଶ୍ରୀ ଏ ଏନ ପତି, ସ୍ଥାନୀୟ ସରପଞ୍ଚ ସୁଶ୍ରୀ ଜାନଭି ନାୟକ, ସମିତି ସଭ୍ୟା ସୁଶ୍ରୀ ଯମୁନା ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ୩୨ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ।

ଉଡୁସୁ ଫୁଟବଲ କ୍ଲବ ଫାଇନାଲ ମ୍ୟାଚରେ ସାରୁବାହାଲକୁ ୩-୧ ଗୋଲରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା। ଝିରପାଣି ଫୁଟବଲ କ୍ଲବ ଓ କୁଲାନବାହାଲ ଫୁଟବଲ କ୍ଲବ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଲାଭ କରିଥିଲେ। ଏହି ଉଦ୍ଯାପନୀ ସମାରୋହରେ ଉଡୁସୁ ଫୁଟବଲ କ୍ଲବ ଟ୍ରଫି ସହିତ ୧୦୦୦୦ ଟଙ୍କାର ଅର୍ଥ ରାଶି ପୁରସ୍କାର ଗ୍ରହଣ କରିଥିବା ବେଳେ ସାରୁବାହାଲ ଦଳ ପ୍ରଥମ ରନର୍ସ ଅପ ଟ୍ରଫି ସହିତ ୮୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ । ଝିରପାଣି ଫୁଟବଲ କ୍ଲବ ଓ କୁଲାନବାହାଲ ଫୁଟବଲ କ୍ଲବ ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଅର୍ଥରାଶି ଗ୍ରହଣ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଉଡୁସୁର ଶୁଭମ ଓରାମ ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିବାବେଳେ ସୁଜିତ ଓରାମ ଶ୍ରେଷ୍ଠ ସ୍କୋରର, ନିଖିଲ ମୁଣ୍ଡାରୀ ଶ୍ରେଷ୍ଠ ଗୋଲ କିପର ଏବଂ ଓ ସାରୁବାହାଲର ଶେଖର ଓରାମ ଶ୍ରେଷ୍ଠ ଡିଫେନସର ଭାବେ ଘୋଷିତ ହୋଇଥିଲେ। ସେମାନେ ପ୍ରତ୍ୟେକଙ୍କୁ ୭୫୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

ଏହି ଟୁର୍ଣ୍ଣାମେଣ୍ଟ ରାଉରକେଲା ଇସ୍ପାତ କାରଖାନା ପୃଷ୍ଠପୋଷକତାରେ କୁଲନବାହାଲର ଜୟଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚକୁ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଫୁଟବଲ ପ୍ରେମୀ ଉପଭୋଗ କରିଥିଲେ।

ଏହା ଗ୍ରାମୀଣ ସ୍ତରରେ ଆରଏସପି ଦ୍ୱାରା ଆୟୋଜିତ ୨୦୨୪-୨୫ ବର୍ଷର ଜୋନାଲ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଥିଲା ଯାହା ପ୍ରତିବର୍ଷ ଆରଏସପିର ଚାରିଟି ପାର୍ଶ୍ୱାଞ୍ଚଳ ବ୍ଲକରେ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ନାମେଣ୍ଟ' ରୂପେ ଆୟୋଜିତ ହେଉଅଛି। ଚାରିଟି ଜୋନ୍ ମଧ୍ୟରୁ ଚାମ୍ପିଅନ୍ ଏବଂ ରନର୍ସ ଅପ୍ ଫାଇନାଲ୍ ଫୁଟବଲ୍ ମ୍ୟାଚ୍ ରାଉରକେଲାରେ ଅନୁଷ୍ଠିତ ହୋଇଥାଏ ।

ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଜୟପୁର, ୧୯/୧୨ (ନି.ପ୍ର): ବାଇକ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଭୁପତିସାହିର ସନ୍ତୋଷ ରାଉତ (୨୪) । ପୋଲିସ ସୂଚନା ନୁଆସାହିର ସ୍ୱଂୟଜିତ ପଣ୍ଡା ତ୍ରିମୁଖି କଲ୍ୟାଣ ମଣ୍ଡପ ନିକଟରେ ବାଇକ ରଖିଥିଲେ । ତାହା ଚୋରି ହୋଇଯାଇଥିବା ନେଇ ଗତ ୧୬ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଖଜୁରିବନ୍ଦ ନିକଟରେ ଚଢାଉ କରି ଚୋରି ବାଇକକୁ ଜବତ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇ ଥିବା ବିଷୟ ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

ଚାଷୀ ଓ ବୈଜ୍ଞାନିକ ଆଲୋଚନା

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଚାଷୀ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପଶୁ ସମ୍ପଦ ବିଭାଗର ଡ଼ଃ ମୃତ୍ୟୁଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ବିଜ୍ଞାନ ବିଭାଗର ଡ଼ଃ ସନ୍ତୋଷ ଉଦଗାତା, ଆରଚିମନ ଲହରୀ, ଡ଼ଃ ଖୁଂଟିଆ ମୁର୍ମୁ ପ୍ରାଣୀ ସମ୍ପଦ ବିଭାଗର ଡ଼ଃ ବୀରକିଶୋର ପରିଡ଼ା, ରବୀନ୍ଦ୍ର ମହୋନ ମହାରଥୀ, ଡ଼ଃ ପ୍ରଭଞ୍ଜନ କବି, ଡ଼ଃ ବିବେକାନନ୍ଦ ସାହୁ, ଡ଼ଃ ସୁଆଣୁ ଶେଖର ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ୯ଟି ବ୍ଲକର ବିଭିନ୍ନ ପଂଚାୟତରୁ ଆସିଥିବା ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଲିଙ୍ଗ ନିରୂପିତ ହୀମିକୃତ ଶୁକ୍ର, ଉର୍ମି କମ୍ପୋଷ୍ଟ ଓ ଗୋଶାଳା, ମତ୍ସ୍ୟଚାଷର ଉପକାରିତା, ଜିଆ ଖତ ମାଧ୍ୟମରେ ଆୟକୁ ଦ୍ୱିଗୁଣିତ କରିବା ସମ୍ପର୍କରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଜ୍ଞାନିକମାନଙ୍କ ଠାରୁ ପଚାରି ବୁଝିବା ସହ ସମସ୍ୟା ସଂପର୍କରେ ସମାଧାନ କରିଥିଲେ।

କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ ସୁଜିତ ସଭାପତି ଅଜିତ ସମ୍ପାଦକ

କନ୍ଧମାଳ, ୧୯/୧୨ (ନି.ପ୍ର): ବୁଧବାର ଦିନ କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ଦ୍ୱିବାର୍ଷିକୀ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ଠାରେ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରଥମେ ବାର୍ଷିକ ଆୟ ବ୍ୟୟ ପାଠ କରାଯାଇଥିଲା। ଏଥି ସହିତ ଆଗାମୀ ଦୁଇବର୍ଷ ପାଇଁ କାର୍ଯ୍ୟକ୍ରମ ମାନ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସାମ୍ବାଦିକ(ଓୟୁଜେ) ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ମହାଦେବ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ନୂତନ ସଭାପତି ଭାବେ ସୁଜିତ ବେହେରା, ସାଧାରଣ ସମ୍ପାଦକ ଭାବେ ଅଜିତ ନାୟକ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି, ଉପ ସଭାପତି ଭାବେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ସୁବ୍ରତ କୁମାର ମହାନ୍ତି, ଜି ଉଦୟଗିରି ନିର୍ବାଚନ ମଣ୍ଡଳୀର ଆଦିତ୍ୟ ପ୍ରସାଦ ପାଢ଼ି ଓ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ପ୍ରବୀଣ କୁମାର ପଟ୍ଟନାୟକ, ସେହିପରି ସହ ସମ୍ପାଦକ ଭାବେ ଫୁଲବାଣୀରୁ ଅନନ୍ତ କୁମାର ଦିଗାଲ ଜି ଉଦୟଗିରିରୁ ରାକେଶ କୁମାର ସାହୁ, ବାଲିଗୁଡ଼ାରୁ ସାମୁଏଲ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରଦୀପ କୁମାର ବେହେରା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅରୁଣ କୁମାର ସାହୁ, ସୋସିଆଲ୍ ମିଡିଆ ସମ୍ପାଦକ ଭାବେ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଭାବେ ବ୍ରଜମୋହନ ନାୟକ, ଭଗବତ ସାବତ, ମନୋଜ କୁମାର ଗୌଡ଼, ଅସିତ୍ ବେହେରା, ଗୋଲକ ବିହାରୀ କହଁର, ହୁରୁଞ୍ଜନ ସେଠୀ ଦୀପକ କୁମାର ପରା ସେଠ୍, ଅଶୋକ ସିଂ, ଭି ଲୋକନାଥ ରାଜୁଙ୍କୁ ଚୟନ କରାଯାଇଛି। ଆଇନ ଉପଦେଷ୍ଟା ଭାବେ ବୀରେନ୍ଦ୍ର କୁମାର ସୁବୁଦ୍ଧିଙ୍କୁ ଚୟନ କରାଯାଇ ଥିବାବେଳେ ଅନ୍ୟତମ ଉପଦେଷ୍ଟା ଭାବେ ସରତ କୁମାର ମିଶ୍ର, ପ୍ରଶାନ୍ତ କୁମାର ବେହେରାଙ୍କୁ ଚୟନ କରାଯାଇଛି। ନବ ନିର୍ବାଚିତ ସଭାପତି ସୁଜିତ ବେହେରା ଆଗାମୀ ଦିନରେ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କ ସହଯୋଗ ମିଳିଲେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବି ବୋଲି କହିଥିଲେ। ଏଥିସହିତ ସମସ୍ତ ସଦସ୍ୟଙ୍କ ସୁବିଧା ଅସୁବିଧାରେ ମୋର ସହଯୋଗ ଓ ଉପସ୍ଥିତି ନିଶ୍ଚିତ ରହିବ।

ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ: ସେମିରେ ପାୟୋନିର୍ ପୁରୀ

ଧର୍ମଶାଳା, ୧୯/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୧ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା । ଏହି ମ୍ୟାଚରେ ମର୍ଣ୍ଣିଙ୍ଗ ଷ୍ଟାର ବାଲେଶ୍ୱରକୁ ୫ ଉଇକେଟ୍‌ରେ ହରାଇ ପାୟୋନିର୍ ପୁରୀ ସେମି ଫାଇନାଲ ପ୍ରବେଶ କରିଛି । ବାଲେଶ୍ୱର ପ୍ରଥମେ ଟସ୍‌ରେ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଓମ୍ ପ୍ରକାଶ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ । ଜବାବରେ ୧୩୯ ରନର ବିଜୟ ଲକ୍ଷ୍ୟ ନେଇ ପୁରୀ ୧୭.୧ ଓଭରର ସମ୍ମୁଖୀନ ହୋଇ ୫ ଉଇକେଟ ହରାଇ ଏହି ମ୍ୟାଚକୁ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ଭାଗୀରଥି ବେହେରା ୪୫ ରନ ସଂଗହ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସତ୍ୟ ସାଇ କ୍ରିକେଟ୍ ଆସୋସିଏସନର ସଭାପତି ପ୍ରିୟନାଥ ରାଉତ ଯୋଗ ଦେଇ ଭାଗୀରଥିଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଖେଳକୁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସନ୍ତୋଷ ପତି ପରିଚାଳନା କରିଥିଲେ । ଭାଷ୍ୟକାର ଓ ସ୍କୋରର ଭାବେ ରୋଶନ ସାହୁ, ଅରୁଣ କୁମାର ପତି, ଇମ୍ରାନ୍ ଖାଁନ, ଶ୍ରଦ୍ଧାସୁମନ ସାହୁ, ଚିନ୍ମୟ ଦଳାଇ, ସୁନିଲ ସାହୁ, ବଳରାମ ସାହୁ, ଉତ୍କଳ ଜେନା, ହେମନ୍ତ ସାହୁ, ଦିଲ୍ଲୀପ ଜେନା, ରଂଜିତ ନାୟକ, ରଘୁନାଥ ଜେନା ଓ ମାଧବାନନ୍ଦ ଜେନା ପ୍ରମୁଖ ସହଯୋଗ କରିଥିଲେ । ଗୁରୁବାର ଦିନ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ବାପୁଜୀ କିକ୍ରେଟ କ୍ଲବ ଭୁବନେଶ୍ୱର ଓ ଇଞ୍ଜନପୁର ଯାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଂଚଳରେ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ପ୍ରମୁଖ ଚିକିତ୍ସା କେନ୍ଦ୍ର ଥିବାବେଳେ ଏହାର ସମସ୍ୟା ଯୋଗୁଁ ଆସୁଥିବା ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାଁନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମି ଓ ପରୀକ୍ଷାଗାରର ବିଶେଷ ସୁବିଧା ନଥିବାବେଳେ ରୋଗୀମାନଙ୍କ ହିତ ଦୃଷ୍ଟିରୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଆବଶ୍ୟକୀୟ ଉପକରଣ ଓ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରି ପରୀକ୍ଷା ଉପକରଣ ଯୋଗାଇବା, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୪ ଘଂଟିଆ ସେବା ଯୋଗାଇବା ଆଦି ଦାବି ନେଇ ପଂଚାୟତବାସୀମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଆସୁଥିବାରୁ ତାହାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ଅସହଯୋଗ ଓ ମୁନାଫାଖୋର ମନୋଭାବ ପାଇଁ ବୀର ନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଚରମ ଅବହେଳାର ଶୀକାର ହୋଇଛି। ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୭ଟି ପଂଚାୟତର ସରପଂଚ ସମିତି ସଭ୍ୟଙ୍କ ସମେତ ପଂଚାୟତବାସୀ ମାନେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଜିଲ୍ଲା କ୍ରୀଡା ସଂସଦର ୫୩ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ : ଭାଗ ନେଲେ ୧୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ

ବଲାଙ୍ଗିର, ୧୯/୧୨ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମରେ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦର ୫୩ତମ ବାର୍ଷିକ କ୍ରୀଡା ଉତ୍ସବ ମୁଖ୍ୟ ଅତିଥି ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରି ଙ୍କ ଦ୍ୱାରା କ୍ରୀଡାଧ୍ୱଜ ଉତ୍ତୋଳନ ପୂର୍ବକ ଉଦ୍‌ଘାଟିତ ହୋଇଯାଇଛି । ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୂଜାରିଙ୍କ ଆବାହକତ୍ୱ ଓ କାର୍ଯ୍ୟକାରୀ ସଭାପତି ଡା ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ତଥା କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ସଂସଦର ଉପସଭାପତି କରଷ୍ଟଚନ୍ଦ୍ର ମୀଶ୍ର, ଡ ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମଚରଣ ଅଚାର୍ଯ୍ୟ, ଶତୃଘ୍ନ ସିଂ, କୋଷାଧକ୍ଷ୍ୟ ହେମନ୍ତ ବେହେରା ପ୍ରମୁଖ ମ ।ସିନ ଥିଲେ । କ୍ରିକେଟ ସଂପାଦକ ଓମପ୍ରକାଶ ଚାନ୍ଦ, ଫୁଟବଲ ସଂପାଦକ ଶରତ ନନ୍ଦ, ବରିଷ୍ଠ ସଭ୍ୟ ଉମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ଶିଶିର ବହିଦାର, ଗୌର ଚନ୍ଦ୍ର ପ୍ରଧାନ, ରବିନ୍ଦ୍ର କୁମାର ମିଶ୍ର, ପ୍ରଭାତ କୁମାର ମିଶ୍ର, ଜୟରାମ ମିଶ୍ର, ଭାବଗ୍ରାହୀ ରଥ ଓ ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୨୦୨୩ ଓ ୨୪ରେ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ବଲାଙ୍ଗୀର ଜିଲ୍ଲାର କୃତି ପ୍ରତିଯୋଗି ଚିନ୍ମୟ ନାଗ, ନରେଶ ରୋହିଦାଶ, ଜିବନ ମୁକ୍ତି ବିଲଙ୍ଗ, ଶଦ୍ଧାଞ୍ଜଳି ମିଶ୍ର ଓ ମହେନ୍ଦ୍ର ହାଁସଦାଙ୍କୁ ସମ୍ମାନୀତ କରାଯାଇଥିଲା । ୧୨ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗି କ୍ରୀଡାଙ୍ଗନରେ ପ୍ୟାରେଡ ସହ ପରିକ୍ରମା କରି ମୁଖ୍ୟ ଅତିଥିଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର କ୍ରିଡାବିତଙ୍କ ପକ୍ଷରୁ ଶପଥ ପାଠ କଲାପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ପ୍ରାରମ୍ଭ କାର୍ଯ୍ୟକ୍ରମକୁ ପୂର୍ବତନ କ୍ରୀଡା ଶିକ୍ଷକ ସୁନିଲ ବିଶ୍ୱାଳ, ହେମନ୍ତ ପଧାନ ଓ ନର୍ସିଂହ ନାଇଡୁ ପରିଚାଳନା କରିଥିବା ବେଳେ ବିଜୟ ତ୍ରିପାଠୀ ଓ ମାଧୁରୀ ନନ୍ଦଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗିତା ସଂପର୍କିତ ଯୋଗାଯୋଗ କେନ୍ଦ୍ର ପରିଚାଳିତ ହୋଇଥିବା ସଂସଦ ସୁତ୍ର ରୁ ପ୍ରକାଶ । ପ୍ରଥମ ଦିବସରେ ପୁରୁଷ ହଜାରେ ମିଟରରେ ହେମନ୍ତ ସେଠ, ୧୫ଶହ ମିଟରରେ ସଞ୍ଜିବ କୁମାର ନାଏକ, ସଟଫୁଟରେ ମହାଦେବ ସା, ବାଳକ ୨୩ ବର୍ଷ ବର୍ଗ ୧୫ଶହ ମି.ରେ କ୍ଷିତିରାମ ମାଝୀ, ହାଇଜମ୍ପରେ ପ୍ରତିକ ଶତପଥି, ଶହେ ମି.ରେ ଡିଙ୍ଗର ଡାଣ୍ଡିଆ, ସଟପୁଟ ରେ ରୋହିତଶ୍ୱ ବାରିକ, ବାଳକ ୨୦ ବର୍ଗ ୧୫ଶହ ମି ରେ ହରିଷ ପଧାନ, ସଟପୁଟରେ ବିଜୟ ସେଠ, ହାଇଜମ୍ପରେ ସଂକେତ ନିଶାଲ, ବାଳକ ୧୮ ବର୍ଗ ହଜାରେ ମି.ରେ ପ୍ରେମରାଜ ଷାଣ୍ଢ, ଡିସକସ ଥ୍ରୋ ରେ ସୋମ୍ୟ ରଞ୍ଜନ ବିଶ୍ୱାଲ, ବାଳକ ୧୬ ବର୍ଗ ୬ଶହ ମିରେ ଆକାଶ ମେହେର, ସଟପୁଟରେ ସମୀର ନାଗ, ମହିଳା ଡିସକସ ଥ୍ରୋରେ ସମୀକ୍ଷା ନନ୍ଦ, ବାଳିକା ୨୩ ବର୍ଗ ଡିସକସ ଥ୍ରୋରେ ଶାମୁକା ଭୁଏ, ସଟପୁଟ ଥ୍ରୋରେ ଶ୍ରଦ୍ଧାଞ୍ଜଳି ମିଶ୍ର, ଶହେ ମି.ରେ ଇପ୍‌ସିତା ମାଝୀ, ବାଳିକା ୨୦ ବର୍ଗରେ ୧୫ଶହ ମି.ରେ ରୀମା ସୁନା, ଶହେ ମିରେ ନମିତା ବାରିକ, ବାଳିକା ୧୮ ବର୍ଗ ହଜାରେ ମିରେ ଅର୍ଚ୍ଚନା ପଧାନ, ଡିସକସ ଥ୍ରୋରେ ରେଖା ସାହୁ, ଜେଭାଲିନ ଥ୍ରୋରେ ସଂପଦ ମହାନ୍ତି ଓ ବାଳିକା ୧୬ ବର୍ଗ ୬୦୦ ମି. ରେ ସିମରାନ ଜାଲ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ମଣ୍ଡି ଆରମ୍ଭରୁ ବିବାଦ: ଗେଟରେ ତାଲା ପକାଇଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ମାଲକାନଗିରି, ୧୯/୧୨ (ନି.ପ୍ର): ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ପଂଚାୟତର ଏମଭି-୧୧ ଗ୍ରାମରେ ଥିବା ବାଟପାଲୀ ମଣ୍ଡିରେ ଆରମ୍ଭରୁ ହିଁ ଉତେଜନା ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ମଧ୍ୟରେ ମଣ୍ଡି ପରିଚାଳନା ଦାୟୀତ୍ୱକୁ ନେଇ ବିବାଦ ଲାଗିଥିବାରୁ ଗୋଟିଏ ଗୋଷ୍ଠୀ ମଣ୍ଡିରେ ତାଲା ଠୁକିଁଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଂଚି ତାଲା ଭାଙ୍ଗିବା ସହ ଚାଷୀଙ୍କୁ ମଣ୍ଡିରେ ଭର୍ତି କରିଥିଲେ। କିନ୍ତୁ ଧାନ କିଣାଯାଇନଥିବା ଜଣାପଡିଛି। ଘଟଣା ଅନୁଯାୟୀ ବାଟପାଲୀ ଧାନମଣ୍ଡିକୁ ଗତ ୩ ବର୍ଷ ହେଲା ମା' କାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରି ଆସୁଥିଲା। କିନ୍ତୁ ଗତ ଚାରି ବର୍ଷ ହେଲା ସ୍ଥାନୀୟ ଇନ୍ଦ୍ରାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ମଣ୍ଡିକୁ ପରିଚାଳନା କରିବା ପାଇଁ ଆବେଦନ କରିଆସୁଥିଲେ ମଧ ତାଂକୁ ପ୍ରଦାନ କରାଯାଉନଥିଲା। ଗତବର୍ଷ ମଧ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ସେମାନଙ୍କୁ ବୁଝାସୁଝା କରି ଆସନ୍ତା ବର୍ଷକୁ ଆପଣମାନଙ୍କୁ ଦେବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରକାଶ କରିଛନ୍ତି। କିନ୍ତୁ ଏଥର ପ୍ରଥମରେ ଇନ୍ଦ୍ରାବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିଥିଲେ ମଧ ଭିତିରି ସଂପର୍କ କରି ମା' କାଳୀ ଗ୍ରୁପକୁ ପୁଣି ଏହି ମଣ୍ଡିକୁ ହସ୍ତାନ୍ତର କରାଯାଇଛି। ଏହା ଜାଣିବା ପରେ ଆଜି ସକାଳୁ ଇନ୍ଦ୍ରାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଣ୍ଡିରେ ତାଲା ଠୁଙ୍କି ଦେଇଥିଲେ। ଅନ୍ୟଦିଗରେ ଶତାଧିକ ଗାଡ଼ି ଧାନ ବସ୍ତା ବୋହି ମଣ୍ଡି ସାମ୍ନାରେ ଠିଆ ହୋଇଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଲାଗିଥିବା ବିବାଦ ସମାଧାନ ହେଉନଥିବାରୁ ଚାଷୀମାନେ ମଧ ବିରକ୍ତାଭାଷ ପ୍ରକାଶ କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଂଚି ବୁଝାସୁଝା କରିଥିଲେ ମଧ ଇନ୍ଦ୍ରାବତୀ ଏସଏଚଜି ନିଜର ଦାବିରେ ଅଟଳ ରହିଥିବାରୁ କୌଣସି ସମାଧାନ ହୋଇପାରିନଥିଲା। ତେବେ ବାଧ ହୋଇ ପୁଲିସ ମଣ୍ଡିର ତାଲା ଭାଙ୍ଗିବା ସହ ଧାନ ବସ୍ତା ଗାଡିଗୁଡିକକୁ ମଣ୍ଡିରେ ଭର୍ତ୍ତି କରିଥିଲା। ତେବେ ଧାନ ମପା ଯନ୍ତ୍ର ସହ ଅନ୍ୟ ସାମଗ୍ରୀ ଗୋଟିଏ କୋଠରୀରେ ରହିଥିବାରୁ ସେହି କୋଠରୀରେ ମଧ ତାଲା ଝୁଲୁଥିଲା। ତେବେ ସେହି ତାଲାକୁ ଭଙ୍ଗା ଯାଇପାରୁନଥିବାରୁ ମଣ୍ଡିରେ ଆଜି ଅଚଳାବସ୍ଥା ଦେଖିବାକୁ ମିଳିଥିଲା।

ଆରଏସପିର ଏଚଏସଏଲ ସିପିଏଫ ଟ୍ରଷ୍ଟ ସହିତ ବୋଲାଣି ପିଏଫ ଟ୍ରଷ୍ଟର ମିଶ୍ରଣ ପାଇଁ ରୂପରେଖ ଆଲୋଚନା ନିମନ୍ତେ ବୈଠକ ଅନୁଷ୍ଠିତ

ରାଉରକେଲା, ୧୯/୧୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ହିନ୍ଦୁସ୍ତାନ ଷ୍ଟିଲ ଲିମିଟେଡ୍ କନ୍ଟ୍ରିବ୍ୟୁଟରି ଭବିଷ୍ୟନିଧି ପାଣ୍ଠି ଟ୍ରଷ୍ଟ ସହିତ ବୋଲାଣି ପିଏଫ ଟ୍ରଷ୍ଟର ୨୦୨୫ ଜାନୁଆରୀ ୧ ତାରିଖରୁ ମିଶ୍ରଣ ନିମନ୍ତେ ବହୁ ପ୍ରୟାସ ଦ୍ୱାରା ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ (ସିପିଏଫସି), ନୂଆଦିଲ୍ଲୀଙ୍କ ଠାରୁ ଅନୁମୋଦନ ଲାଭ ହୋଇଛି। ଏହି ଦୁଇ ଟ୍ରଷ୍ଟର ବିଲୟ ପାଇଁ ରୂପରେଖ ପ୍ରସ୍ତୁତ ନିମନ୍ତେ ବିତ୍ତ ଓ ଲେଖା ବିଭାଗର 'ଚିନ୍ତନ' ସମ୍ମିଳନୀ ହଲରେ ଡିସେମ୍ବର ୧୮ ତାରିଖରେ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଉଭୟ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି ଯୋଗ ଦେଇଥିଲେ। ଏହି ଅବସରରେ

ଉଦବୋଧନ ଦେଇ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତଥା ଏଚଏସଏଲସିପିଏଫର ଅଧ୍ୟକ୍ଷ ଶ୍ରୀ ଏ କେ ବେହୁରିଆ କହିଥିଲେ ଯେ ଆମର ସମସ୍ତ କର୍ମଚାରୀଙ୍କ ପାଇଁ ଏହି ପରିବର୍ତ୍ତନ ସୁଗମ ଏବଂ ଲାଭଦାୟକ ହେବ ବୋଲି ଆମେ ପ୍ରତିଶ୍ରୁତିବଦ୍ଧ। ଉଭଗୁଡ଼ିକୁ ମିଶ୍ରଣ କରି, ଆମେ ଆମର କର୍ମଚାରୀଙ୍କ ଦୀର୍ଘକାଳୀନ ସଞ୍ଚୟ ପାଇଁ ଅଧିକ ସୁରକ୍ଷା ଏବଂ ଅଭିବୃଦ୍ଧି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ମିଶ୍ରଣରେ ଆର୍ଥିକ ସ୍ଥିରତା, ଭବିଷ୍ୟନିଧି ହିତାଧିକାରୀଙ୍କ ପାଇଁ ଉତ୍ତମ ରିଟର୍ଣ୍ଣ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକାରିତାର ସୂଚାରୁ ସମ୍ପାଦନା ଏବଂ ବୈଧାନିକ ଆବଶ୍ୟକତାଗୁଡ଼ିକର ଅନୁପାଳନ ଉପରେ ଧ୍ୟାନ କେନ୍ଦ୍ରିତ ସହକାରେ ଏହି ମିଶ୍ରଣ ପାଇଁ ଏକ ବିସ୍ତୃତ ରୂପରେଖ ଉପରେ ବ୍ୟାପକ ଭାବରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବୋଲାଣି ଲୌହ ଖଣିର କର୍ମଚାରୀଙ୍କ ପାଇଁ ମିଶ୍ରଣ ପରବର୍ତ୍ତୀ ବ୍ୟବସ୍ଥା ଉପରେ ମଧ ଆଲୋଚନା କରାଯାଇଥିଲା। ଏହି ମିଶ୍ରଣ କର୍ମଚାରୀଙ୍କ ପାଇଁ ଯେପରି କୌଣସି ଅସୁବିଧା ସୃଷ୍ଟି କରିବ ନାହିଁ ଏବଂ ସେମାନଙ୍କର ଭବିଷ୍ୟତର ସୁବିଧା ଏକ ପ୍ରାଥମିକତା ହୋଇ ରହିବ, ତାହାଉପରେ ଜୋର ଦିଆଯାଇଥିଲା। ବିତ୍ତ ଓ ଲେଖା- ଭବିଷ୍ୟନିଧି ପାଣ୍ଠିର ଏଜିଏମ ଶ୍ରୀ ଏନ ସି ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ଆପଣ ରୋଷେଇ ବେଳେ ସଠିକ୍ ପାତ୍ର ବ୍ୟବହାର କରୁଛନ୍ତି ତ... ନହେଲେ ଆସିପାରେ ସ୍ୱାସ୍ଥ୍ୟ ସମସ୍ୟା

ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ପାତ୍ର ମଧ୍ୟରେ ଅନେକ ବିଭିନ୍ନତା ରହିଛି। ଆପଣ ଜାଣନ୍ତି କି ଆମେ ଗ୍ରହଣ କରୁଥିବା ଖାଦ୍ୟ ଉପରେ ଏହାର ରନ୍ଧନ ପାତ୍ରର ପ୍ରଭାବ ଥାଏ। ଖାଦ୍ୟରେ ଥିବା ଖାଦ୍ୟସାର ତଥା ପୋଷକ ତତ୍ୱ ଉପଯୁକ୍ତ ପରିମାଣରେ ଲାଭ କରିବାକୁ ହେଲେ ଆମକୁ ଠିକ୍ ରୋଷେଇପାତ୍ରରେ ରନ୍ଧନ କରିବା ଆବଶ୍ୟକ। ମନୁଷ୍ୟ ଯେବେଠାରୁ ସଭ୍ୟ ଭାବେ ବସତି ସ୍ଥାପନ କରି ରନ୍ଧନ କରି ଖାଇବା ଆରମ୍ଭ କଲା, ମାଟି ହିଁ ଏକମାତ୍ର ବିକଳ୍ପ ଥିଲା। ଭାରତର ପ୍ରାଚୀନ ସଭ୍ୟତାର ପ୍ରମାଣ ମିଳିଥିବା ହରପ୍ପା ଓ ସିନ୍ଧୁନଦୀ କୂଳବର୍ତ୍ତୀ ଅଞ୍ଚଳରୁ ମାଟିପାତ୍ର ଓ କଂସା ପାତ୍ରର ଅବଶେଷ ମିଳିଛି। ଏହା ପୂର୍ବରୁ ଚାଇନାର ଜିଆନ୍‌ରେନ୍‌ଦଙ୍ଗରୁ ପ୍ରାୟ ୧୯୦୦୦ ବର୍ଷର ପୁରୁଣା ମାଟିର ରନ୍ଧନ ପାତ୍ର ଖନନ ବେଳେ ମିଳିଛି। ଏଥିରୁ ଜଣାଯାଏ ଧାତୁର ଉଦ୍ଭାବନ ହେବା ଆଗରୁ ମାଟିପାତ୍ର ହିଁ କେବଳ ବ୍ୟବହାର ହେଉଥିଲା। ତେବେ ସମୟାନୁସାରେ ଧାତୁର କ୍ରମବିବର୍ତ୍ତନ ଫଳରେ ମନୁଷ୍ୟ ନିଜ ସୁବିଧା ଅନୁଯାୟୀ ରନ୍ଧନ ସାମଗ୍ରୀ ବଦଳାଇଲା। ମାଟିରୁ କଂସା, ତା ପରେ ତମ୍ବା, ପିତ୍ତଳ ଇତ୍ୟାଦି ଏବଂ ବର୍ତ୍ତମାନ ସମୟରେ ଆଲୁମିନିୟମ୍ (ରସା), ଷ୍ଟିଲ୍ ଓ ନନ୍‌ଷ୍ଟିକ୍ ଏବଂ ଲୁହାର କଡ଼େଇ, ଡେକ୍ଚି ଆଦି ବ୍ୟବହାର କରିବାର ପ୍ରଥା ରହିଛି। ତେବେ ଆସନ୍ତୁ ଜାଣିବା ପ୍ରକୃତରେ କେଉଁ ବାସନରେ ରନ୍ଧା ତଥା ଖାଦ୍ୟ ଗ୍ରହଣ କଲେ ଆପଣ ଗ୍ରହଣ କରୁଥିବାର ଖାଦ୍ୟର ସଠିକ୍ ପ୍ରଭାବ ବଜାୟ ରହିବ।

ଆଲୁମିନିୟମ୍ ପାତ୍ର:

ଆମେ ରୋଷେଇଘରେ ବ୍ୟବହାର କରୁଥିବା ପ୍ୟାନ୍, କଡ଼େଇ, ତାୱା ପରି ଅନେକ ଉପକରଣ ଧାତୁରୁ ତିଆରି। ଏହା ଲୁହା, ଆଲୁମିନିୟମ୍ ତଥା ପିତ୍ତଳ ହୋଇପାରେ। ବହୁଳ ଭାବେ ସମସ୍ତ ପରିବାରରେ ପ୍ରାୟ ରସର ପାତ୍ର ବା ଆଲୁମିନିୟମ୍ ପାତ୍ର ବ୍ୟବହୃତ ହୁଏ। ମାଟି ଅପେକ୍ଷା ଧାତୁ ତାପର ସୁପରିବାହୀ କିନ୍ତୁ କେତେକ ଧାତବ ପାତ୍ରରେ ରାନ୍ଧିବା ବେଳେ ଏହାର ଅବଶେଷ ଖାଦ୍ୟରେ ମିଶେ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ତାପ ପ୍ରୟୋଗ ଫଳରେ ଜାରଣ ପ୍ରକ୍ରିୟାରେ ଆଲୁମିନିୟମ୍ ଅକ୍ସାଇଡ୍ କୌଣସି ଅମ୍ଳୀୟ ଖାଦ୍ୟରେ ମିଶିବା ଦ୍ୱାରା ଏହାକୁ କ୍ରମାଗତ ସେବନ ଫଳରେ ଆଲଜାଇମର୍ସ ଡିଜିସ୍ ଦେଖାଯିବାର ଆଶଂକା ରହେ।

ମାଟି ପାତ୍ର

ମାଟିରେ ପ୍ରସ୍ତୁତ ରନ୍ଧା ପାତ୍ର ତାପ ରେଜିଷ୍ଟାଣ୍ଟ ହୋଇଥିବାରୁ କମ୍ ତେଲରେ ରୋଷେଇ ହୋଇପାରେ ଏବଂ ଡାଲି ଓ ପରିବା ଆଦିର ପୋଷକ ତତ୍ୱ ନଷ୍ଟ ହୁଏ ନାହିଁ। ମାଟିରେ ଅନେକ ପ୍ରାକର ମିନେରାଲ ବା ଖଣିଜ ଲବଣ ସଂରକ୍ଷିତ ଥାଏ ଯାହା ଏହାକୁ ଆଲକାଲାଇନ୍ ବା କ୍ଷାରୀୟ ଗୁଣଜନିତ କରିଥାଏ। ଏହା ଦ୍ୱାରା ଅମ୍ଳୀୟ ଖାଦ୍ୟଗୁଡ଼ିକର ଖରାପ ପ୍ରଭାବ ପଡ଼େ ନାହିଁ ଏବଂ ଆମ ଶରୀରର ମିନେରାଲସ ଆବଶ୍ୟକତାରେ ମଧ୍ୟ ଏହା ଅଂଶଦାନ କରେ। କମ୍ ବଜେଟ୍‌ରେ ସହଜରେ ମିଳୁଥିବା ମାଟିର କଡ଼େଇ ତଥା ହାଣ୍ଡି ଆଦିରେ ଖାଦ୍ୟ ଅଧିକ ସମୟଧରି ସତେଜ ରୁହେ ଏବଂ ସ୍ୱାଦ ମଧ୍ୟ ଭଲ ରୁହେ। ଏଣୁ ଖାଦ୍ୟ ପ୍ରସ୍ତୁତି ପାଇଁ ମାଟି ପାତ୍ର ସବୁଠାରୁ ଭଲ ବିକଳ୍ପ।

ଲୁହା ପାତ୍ର (କାଷ୍ଟ ଆଇରନ୍)

ଲୌହ ଆମ ଶରୀର ପାଇଁ ଏକ ଅତ୍ୟାବଶ୍ୟକ ଖଣିଜ ଲବଣ। ଏହା ପ୍ରାଚୀନ କାଳରୁ ବ୍ୟବହୃତ ହୋଇଆସୁଥିବା ପାତ୍ର। ତେବେ ଏହାର ଅଧିକ ଓଜନ ଯୋଗୁଁ ଏହା ବ୍ୟବହାର କରିବା କଷ୍ଟ ହୋଇଥାଏ। କିନ୍ତୁ ବର୍ତ୍ତମାନ ବଜାରରେ ମିଳୁଥିବା କାଷ୍ଟ ଆଇରନ୍ କଡ଼େଇ ଓ ପ୍ୟାନ୍ ଆଦିରେ ପୋରସିଲେନ୍‌ର ଏକ ପରସ୍ତ ଲେପ ଦିଆଯାଏ ଯାହା ପାତ୍ରକୁ ମସୃଣ କରେ। ଏହା ଛଡ଼ା କେତେକ କ୍ଷେତ୍ରରେ ଲୌହ ବାସନ ଉପରେ ତେଲର ଏକ ଲେପ ଦିଆଯାଏ ଯାହା ଏହାକୁ ନନ୍ ଷ୍ଟିକ୍ ପରି ଅନୁଭବ କରାଏ। ଲୌହ ପାତ୍ରରେ ତାପ ସଂଚରଣ ସମାନ ଭାବେ ହୋଇଥାଏ ଯାହା ଦ୍ୱାରା ଧୀର ରନ୍ଧନ ପ୍ରକ୍ରିୟା ପାଇଁ ଉପଯୋଗୀ ହୋଇଥାଏ। ତେବେ ଯାହା ହେଉ ଲୁହା ବାସନରେ ରାନ୍ଧିବା ନିହାତି ସ୍ୱାସ୍ଥ୍ୟକର ଏବଂ ବିଶେଷ ରୂପେ ଗର୍ଭବତୀ ଓ କିଶୋରୀ ଝିଅମାନେ ନିହାତି ଲୌହ ବାସନରେ ହିଁ ରାନ୍ଧି ଖାଇବା ଆବଶ୍ୟକ ରହିଛି।

ତମ୍ବା ପାତ୍ର:

ତମ୍ବା ତାପର ଏକ ଭଲ ପରିବାହୀ। ତେବେ ଏଥିରେ ରୋଷେଇ କଲେ କ୍ଷତି କ'ଣ ?ତମ୍ବା ପାତ୍ର ଅତି ଶୀଘ୍ର ଗରମ ହୁଏ ଏବଂ ଅସମାନ ଭାବେ ତାପ ପାତ୍ରସାରା ବିଛୁରିତ ହୁଏ। ଏହା ଖାଦ୍ୟର ଅସଙ୍ଗତ ରନ୍ଧନର କାରଣ ହୁଏ। ତମ୍ବା ଅମ୍ଳୀୟ ଖାଦ୍ୟ ପଦାର୍ଥ ସହ ମିଶିଲେ ବିଷାକ୍ତ କରିଦିଏ। ଖାଦ୍ୟ ପ୍ରସ୍ତୁତି ପାଇଁ ଅତି କମ୍‌ରେ ଅଢ଼େଇ ମି.ମି ମୋଟେଇ ବିଶିଷ୍ଟ ପାତ୍ର ଦରକାର ଯାହା ଅତ୍ୟନ୍ତ ଖର୍ଚ୍ଚବହୁଳ। ସାଧାରଣ ଭାବେ ବ୍ୟବହୃତ ହେଉଥିବା ତମ୍ବା ରୋଷେଇ ପାତ୍ର ଉପରେ ଷ୍ଟିଲ୍ କିମ୍ବା ରସର ପରସ୍ତ ଦିଆଯାଇ ବ୍ୟବହାର ହୁଏ। କିନ୍ତୁ ପାନୀୟ ଗ୍ଲାସ୍ ଓ ଥାଳି ଗିନା ଆଦି ଆମେ ଖାଦ୍ୟ ଗ୍ରହଣ କରିବା ବେଳେ ବ୍ୟବହାର କରିପାରିବା।

ଷ୍ଟେନ୍‌ଲେସ୍ ଷ୍ଟିଲ୍:

ଷ୍ଟିଲ ବାସନ ତାପର ଏକ ଅତି ଉତ୍ତମ ପରିବାହୀ ହୋଇ ନଥିଲେ ମଧ୍ୟ ଏଥିରେ ତିଆରି କଡ଼େଇ ଆଦି ବ୍ୟବହାର କରାଯାଏ। ଏହା ପ୍ରକୃତରେ କାର୍ବନ, ନିକେଲ, ମଲିବଡେନମ୍, ମାଙ୍ଗାନିଜ୍‌ର ମିଶ୍ରଣ ହୋଇଥାଏ। ତେବେ ଏଥିରେ କଳଙ୍କି ଲାଗେ ନାହିଁ ଏବଂ ଏହା ଦୀର୍ଘସ୍ଥାୟୀ ହୋଇଥାଏ। ଏହାର ଦାମ୍ ମଧ୍ୟ ଅପେକ୍ଷାକୃତ କମ୍ ଥିବା ବେଳେ ଏହା ସହଜରେ ନେବା ଆଣିବା କରିହୁଏ। ଏଣୁ ଯଦି ଆପଣ ମାଟି ଓ ଲୌହ ବାସନ ପାଇଁ ବଜେଟ୍ କରିପାରୁନାହାନ୍ତିତେବେ ଷ୍ଟିଲ୍ ଏକ ବିକଳ୍ପ ହୋଇପାରିବ। ଏସବୁ ପ୍ରକାର ବାସନ ବାଦ ଦେଲେ ବଜାରରେ ଉପଲବ୍ଧ ଆଉ କେତେକ ପାତ୍ର ହେଲା ସେରାମିକ୍, କାଚ, ପଥରରେ ତିଆରି ପାତ୍ର। ଏସବୁରେ ରୋଷେଇ ଅସମ୍ଭବ ଲାଗୁଥିଲେ ମଧ୍ୟ ବର୍ତ୍ତମାନ ଉନ୍ନତମାନର ସେରାମିକ୍ ପରସ୍ତ ଦିଆଯାଇଥିବା କୁକ୍‌ୱେୟର ଉପଲବ୍ଧ ହେଲାଣି ଯାହା ନନ୍ ଷ୍ଟିକ୍ ପରି ଦେଖାଯାଏ। ସେରାମିକ୍ ମୁଖ୍ୟତଃ ବାଲି ବା ସିଲିକାରେ ଗଠିତ ଏବଂ ଏହା ଖାଦ୍ୟ ସହ କୌଣସି ପ୍ରତିକ୍ରିୟା କରିନଥାଏ, ଫଳରେ ଏହା ଏକ ସୁସ୍ଥ ରୋଷେଇ ପାତ୍ର ବିକଳ୍ପ ବୋଲି ଧାରାଯାଇପାରେ। କିନ୍ତୁ ଏହାର ଅଧିକ ମୂଲ୍ୟ ଏହାକୁ ବଜେଟ୍ ଅନୁକୂଳ କରିପାରେନାହିଁ। ଏହା ବ୍ୟତୀତ କାଚ ଓ ମେଲାମାଇନ୍ ବାଉଲ୍ ଓ ମଗ୍ ଆଦି କେବଳ ମାଇକ୍ରୋୱେଭ୍ ଉପଯୋଗୀ ହୋଇଥାଏ। ବର୍ତ୍ତମାନ ବ୍ୟସ୍ତବହୁଳ ଯୁଗରେ ରନ୍ଧନ ପାଇଁ ବିଭିନ୍ନ ବିକଳ୍ପ ବାହାରୁଥିବା ବେଳେ ଓଭନ୍ ଓ ଇଣ୍ଡକ୍ସନ୍ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରଖୁଛି। ତେବେ ଭାରତୀୟ ରନ୍ଧନର ପ୍ରକ୍ରିୟା ଧୀର ଓ ସମୟସାପେକ୍ଷ ହୋଇଥାଏ। ଏଣୁ ଏହାକୁ ଚୁଲା ଉପରେ ନିଆଁ ଆଞ୍ଚରେ ବସାଇ କଡ଼େଇ କିମ୍ବା ଡେକ୍ଚିରେ ରନ୍ଧନ କରିବାର ବିଧି ସର୍ବାଦୃତ। କିନ୍ତୁ ସମୟ ବଞ୍ଚାଇବାକୁ ତଥା ଦୀର୍ଘ ସମୟ ଧରି ରନ୍ଧନ କରିବାର ନଥିଲେ ସାଧାରଣ ସେକିବା, କେକ୍ ଆଦି କରିବା, ସିଝାଇବା ଆଦି ପାଇଁ ଓଭନ୍‌ର ବ୍ୟବହାର କରିହେବ। କିନ୍ତୁ ମନେ ରଖନ୍ତୁ ଓଭନ୍‌ର ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ରଶ୍ମି ସର୍ବଦା ଆମ ଖାଦ୍ୟ ଉପରେ ପଡ଼ିଲେ ଆମର ପ୍ରତିକୂଳ ସ୍ୱାସ୍ଥ୍ୟ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଣୁ ରନ୍ଧନ ପାଇଁ ପାତ୍ର କିଣିବା ବେଳେ ଏହି କେତୋଟି କଥା ଧ୍ୟାନରେ ରଖିବେ ନିଶ୍ଚୟ।

ଚୁଟିରେ ଲାଗିବନି ପାଣି, ହୋଇଯିବ ସଫା: ଜାଣନ୍ତୁ ୪ଟି ଟିପ୍ସ

ଏମିତି କିଛି ସହଜ ଏବଂ ପ୍ରଭାବଶାଳୀ ଟିପ୍ସ ରହିଛି ଯାହା ମାଧ୍ୟମରେ, ଆପଣ କେବଳ ଶୀତଦିନେ ନିଜ ଚୁଟିକୁ ସତେଜ ରଖିପାରିବେ ନାହିଁ, ବରଂ ଏହା ଚୁଟି ବଢ଼ିବାରେ ମଧ୍ୟ ସାହାଯ୍ୟ କରିବ। ତେବେ ଆସନ୍ତୁ ଶୀତଦିନେ ବିନା ପାଣିରେ କିପରି ଆପଣ ଚୁଟିକୁ ସଫା ରଖିପାରିବେ ସେ ବିଷୟରେ ଜାଣିବା। ଶୀତଦିନେ ଗାଧୋଇବା ଏକ ବଡ କାମ ପରି ମନେହୁଏ। ଏମିତି କିଛି ସହଜ ଏବଂ ପ୍ରଭାବଶାଳୀ ଟିପ୍ସ ରହିଛି ଯାହା ମାଧ୍ୟମରେ, ଆପଣ କେବଳ ଶୀତଦିନେ ନିଜ ଚୁଟିକୁ ସତେଜ ରଖିପାରିବେ ନାହିଁ, ବରଂ ଏହା ଚୁଟି ବଢ଼ିବାରେ ମଧ୍ୟ ସାହାଯ୍ୟ କରିବ। ସାଧାରଣତଃ, ସଫା ଚୁଟିରେ ରୁପି ଭଳି ସମସ୍ୟା ରୁହେ ନାହିଁ ଏବଂ ଖପୁରୀ ମଧ୍ୟ ସଫା ରହିଥାଏ, ଯାହା କେଶ ପାଇଁ ଅତ୍ୟନ୍ତ ଲାଭଦାୟକ। ତେବେ ଆସନ୍ତୁ ଶୀତଦିନେ ବିନା ପାଣିରେ କିପରି ଆପଣ ଚୁଟିକୁ ସଫା ରଖିପାରିବେ ସେ ବିଷୟରେ ଜାଣିବା।

କର୍ନ ଷ୍ଟାର୍ଚ ବ୍ୟବହାର: ଆପଣ କର୍ନ ଷ୍ଟାର୍ଚ ସାହାଯ୍ୟରେ ଚୁଟି ସଫା କରିପାରିବେ। ଏହା ଚୁଟିରୁ ଅତିରିକ୍ତ ତେଲ ଶୋଷି ନେଇଥାଏ ଏବଂ ଚିକିଟାପଣ ଦୂର କରିଥାଏ। କେବଳ ଚୁଟିର ମୂଳରେ କିଛି କର୍ନ ଷ୍ଟାର୍ଚ ଲଗାନ୍ତୁ ଏବଂ ଖପୁରୀକୁ ଧୀରେ ଧୀରେ ମାଲିସ୍ କରନ୍ତୁ ଏବଂ ୨ ମିନିଟ୍ ପରେ ଚୁଟିକୁ ପାନିଆଁରେ କୁଣ୍ଡାନ୍ତୁ। ଏହି ପଦ୍ଧତି କେବଳ ଆପଣଙ୍କ ଚୁଟିକୁ ସଫା କରିବ ନାହିଁ, ବରଂ ଏହାକୁ ଗହଳ ମଧ୍ୟ କରିବ।

ବେବୀ ପାଉଡର ବ୍ୟବହାର: ଚୁଟିକୁ ସଫା ରଖିବା ପାଇଁ ବେବୀ ପାଉଡର ମଧ୍ୟ ବ୍ୟବହାର କରାଯାଇପାରେ। ଏହା ଚୁଟିରୁ ଓଦାପଣକୁ ଶୋଷିନିଏ ଏବଂ ଏହାକୁ କ୍ଲିନ୍ କରିଥାଏ। ଏହାକୁ ଚୁଟିର ମୂଳରେ ଲଗାନ୍ତୁ ଏବଂ ଏହାକୁ ହାଲୁକା ଭାବରେ ମାଲିସ୍ କରନ୍ତୁ, ତା'ପରେ ପାନିଆରେ କୁଣ୍ଡାଇ ଚୁଟିକୁ ଅଲଗା କରନ୍ତୁ। ଯଦି ଆପଣ ଚାହାଁନ୍ତି, ଆପଣ ଏଥିରେ କୋକୋ ପାଉଡର ମଧ୍ୟ ମିଶାଇ ପାରିବେ। ଏହା ଚୁଟିକୁ ନରମ ଏବଂ ସୁଗନ୍ଧିତ କରିବ।

ଆପଲ୍ ସାଇଡର୍ ଭିନେଗାର: ଆପଲ୍ ସାଇଡର୍ ଭିନେଗାର ହେଉଛି ଏକ ପ୍ରାକୃତିକ କ୍ଲିନର୍ ଯାହା ଆପଣଙ୍କ ଖପୁରୀରୁ ମଇଳା ଏବଂ ରୂପି କାଢ଼ିବାରେ ସାହାଯ୍ୟ କରିଥାଏ। ଏହାର ବ୍ୟବହାର ଚୁଟିକୁ ସତେଜତା ଏବଂ ଚମକ ଆଣିଥାଏ। ଏହାକୁ ପାଣିରେ ମିଶାଇ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରି ଚୁଟିର ମୂଳରେ ସ୍ପ୍ରେ କରନ୍ତୁ। କିଛି ସମୟ ପରେ କେଶ ସତେଜ ଦେଖାଯିବ।

ଡ୍ରାଇ ସାମ୍ପୁ ବ୍ୟବହାର: ଶୀତଦିନେ ଚୁଟିକୁ ସତେଜ କରିବା ପାଇଁ ଡ୍ରାଇ ସାମ୍ପୁ ଏକ ଭଲ ଉପାୟ। ଏହା ଚୁଟିର ମୂଳରେ ଜମା ହୋଇଥିବା ଅତିରିକ୍ତ ତେଲ ଏବଂ ମଇଳାକୁ ବାହାର କରିଥାଏ ଏବଂ ଚୁଟିକୁ ନରମ ଏବଂ ସତେଜ କରିଥାଏ। ଚୁଟିର ମୂଳରେ ଟିକିଏ ଡ୍ରାଇ ସାମ୍ପୁ ଲଗାନ୍ତୁ ଏବଂ ଭଲ ଭାବରେ ମସାଜ୍ କରନ୍ତୁ। ଯଦି ଶୀତଦିନେ ଆପଣ ପାଇଁ ଚୁଟି ଧୋଇବା ଏକ କଷ୍ଟକର କାମ ହୋଇପଡେ, ତେବେ ବେଳେବେଳେ ଏହି ଉପାୟକୁ ବ୍ୟବହାର କରାଯାଇପାରେ। ଏହା ଦ୍ୱାରା ତ ଚୁଟି ସଫା ହୋଇଯିବ, ଏହା ସହିତ ଚୁଟି ଫ୍ରେସ୍ ଏବଂ ସୁନ୍ଦର ମଧ୍ୟ ଦେଖାଯିବ।

ଶୀତ ଦିନେ କଦଳୀ ଖାଉଛନ୍ତି କି... ଧ୍ୟାନ ଦିଅନ୍ତୁ, ନ ହେଲେ ଆସିପାରେ ସମସ୍ୟା

ଶୀତ ଋତୁରେ କଦଳୀ ଖାଇବାକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଯାଏ। କିଛି ଲୋକ କୁହନ୍ତି ଯେ ଶୀତ ଋତୁରେ କଦଳୀ ଖାଇବା ଠିକ୍ ତ ଆଉ କିଛି ଲୋକ ମତ ଦିଅନ୍ତି ଯେ ଶୀତ ଋତୁରେ କଦଳୀ ଖାଇବା ଉଚିତ୍ ନୁହେଁ। ଯଦି ଆପଣ ମଧ୍ୟ ଏଭଳି ପ୍ରଶ୍ନ ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି ପଡ଼ନ୍ତି, ତେବେ ଆପଣ ଏଠାରେ ଉତ୍ତର ପାଇବେ।

ଶୀତ ଋତୁରେ ଖାଦ୍ୟକୁ ନେଇ, ବିଶେଷତଃ ଫଳ ବିଷୟରେ ଅନେକ ସମୟରେ ପ୍ରଶ୍ନ ଉଠିଥାଏ। କଦଳୀ ହେଉଛି ଏମିତି ଏକ ଫଳ ଯାହା ବର୍ଷସାରା ସହଜରେ ମିଳିଥାଏ ଏବଂ ପୋଷକରେ ସମୃଦ୍ଧ ବୋଲି ଧରାଯାଏ। କିନ୍ତୁ ଶୀତଦିନେ ଏହାକୁ ଖାଇବାକୁ ନେଇ ମତଭେଦ ଅଛି।

କଦଳି ହେଉଛି ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ ବି୬ ର ଏକ ଉତ୍ତମ ଉତ୍ସ। ଏହା ଯାହା ଶରୀରର ମେଟାବୋଲିଜିମ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଶୀତ ଋତୁରେ ଯେତେବେଳେ ଶରୀର ଶକ୍ତିର ଆଧିକ ଆବଶ୍ୟକ କରେ, କଦଳୀ ଏକ ଉତ୍ତମ ଶକ୍ତି ଉତ୍ସ ହୋଇପାରେ। ଏଥିସହ ଏଥିରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ, ଯାହା ସାଧାରଣତଃ ଶୀତଦିନେ ମନ୍ଥର ହୋଇଯାଏ। ଚିକିତ୍ସା ଦୃଷ୍ଟିକୋଣରୁ, କଦଳୀକୁ ଏକ ଥଣ୍ଡାଜାତୀୟ ଫଳ ଭାବରେ ବିବେଚନା କରାଯାଏ। ତେଣୁ ଏହାକୁ ଅଧିକ ବ୍ୟବହାର କଲେ କିଛି ଲୋକଙ୍କ ଗଳା ଯନ୍ତ୍ରଣା କିମ୍ବା ଥଣ୍ଡା ହୋଇପାରେ। ଯଦି କୌଣସି ବ୍ୟକ୍ତିର ଥଣ୍ଡା ସମ୍ବନ୍ଧୀୟ ଆଲର୍ଜି ଥାଏ, ତେବେ ସେମାନେ କଦଳୀ ଖାଇବା ଠାରୁ ଦୂରେଇ ରହିବା ଉଚିତ। ଯଦି ଆପଣ ଶାରୀରିକ ଭାବରେ ସକ୍ରିୟ ଅଟନ୍ତି ଏବଂ ଥଣ୍ଡା ସମୟରେ ମଧ୍ୟ ବ୍ୟାୟାମ କରନ୍ତି, ତେବେ କଦଳୀ ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ, କାରଣ ଏହା ତତକ୍ଷଣାତ୍ ଶକ୍ତି ଯୋଗାଇଥାଏ। କଦଳୀ ଖାଇବା ପାଇଁ ଉପଯୁକ୍ତ ସମୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସକାଳେ କଦଳୀ ଖାଇବା ହଜମ କରିବାରେ ସାହାଯ୍ୟ କରିଥାଏ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୦ ନଭେମ୍ବର ୨୦୨୪, ଶୁକ୍ରବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଏକ ଦେଶ ଏକ ନିର୍ବାଚନ...

ବିରୋଧୀ ଦଳମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗତ ୧୭ ତାରିଖରେ ଲୋକସଭାରେ 'ଏକ ଦେଶ ଏକ ନିର୍ବାଚନ' ସଂଶୋଧନ ବିଧେୟକ ଉପସ୍ଥାପନ କରିଛନ୍ତି । ବାଚନିକ ଭୋଟ ପରେ ଏହି ବିଧେୟକକୁ ଅଧିକ ତର୍ଜମା ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି । ତେବେ ଲୋକସଭାର ଏରୁଣ୍ଡି ବନ୍ଧରେ ହିଁ ଏହି ବିଧେୟକ ଯେଭଳି ଝୁଣ୍ଟିଛି ସେଥିରୁ ଅନୁମାନ କରାଯାଉଛି ଯେ ଏହା ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେବା ପାଇଁ ଆହୁରି ଦୀର୍ଘ ଅବଧି ଆବଶ୍ୟକ କରିବ । ଉପସ୍ଥାପନ ପରେ ଏହାକୁ ୨୬୯ ସାଂସଦଙ୍କ ସମର୍ଥନ ମିଳିଥିବା ବେଳେ ୧୯୮ ସାଂସଦଙ୍କ ବିରୋଧାଭାସର ସମ୍ମୁଖୀନ ହୋଇଛି । ଲୋକସଭା କାର୍ଯ୍ୟବିଧି(ରୁଲ୍‌ସ ଅଫ୍ ପ୍ରୋସିଡ୍ୟୁର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜିନେସ୍ ଇନ ଲୋକସଭା)ର ଧାରା ୭୨(୧) ଓ ୭୨(୨) ଅନୁଯାୟୀ କୌଣସି ବିଧେୟକ ଗୃହରେ ଆଲୋଚନା ପାଇଁ ଉପସ୍ଥାପନ ହେବା ପୂର୍ବରୁ ହିଁ ତାହାକୁ ବିରୋଧ କରାଯାଇପାରିବ । ଯେକୌଣସି ସାଂସଦ ଦଳ, ମତ ଓ ସଂଖ୍ୟା ନିର୍ବିଶେଷରେ ବିଧେୟକ ଉପସ୍ଥାପନକୁ ବିରୋଧ କରି ନୋଟିସ୍ ଦେଇପାରିବେ, ଯାହା 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ବିଧେୟକ ଉପସ୍ଥାପନ ବେଳେ ଦେଖିବାକୁ ମିଳିଛି । ବିଧେୟକ ଉପସ୍ଥାପନ ବେଳେ ସମ୍ବିଧାନ ସଂଶୋଧନ ଭଳି ନିରଙ୍କୁଶ ବହୁମତ ଆବଶ୍ୟକ ନଥିବାରୁ ଉପରୋକ୍ତ ବିଧେୟକ ସଂଖ୍ୟାଗରିଷ୍ଠ ମତରେ ଉପସ୍ଥାପିତ ହୋଇପାରିଛି । କିନ୍ତୁ ପ୍ରତିଟି ପଦକ୍ଷେପରେ ଏହି ବିଧେୟକ ବହୁମତର ଆହ୍ୱାନର ସମ୍ମୁଖୀନ ହେବ ବୋଲି କେତେକ ସଂସଦୀୟ ବିଶେଷଜ୍ଞ ମତ ଦେଇଛନ୍ତି । ଏହି ବିଧେୟକ ସର୍ବାଧିକ ଆହ୍ୱାନର ସମ୍ମୁଖୀନ ହେବ ଯେତେବେଳେ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ସବୁଜସଂକେତ ପ୍ରାପ୍ତ ହୋଇ ସମ୍ବିଧାନ ସଂଶୋଧନ ବିଧେୟକ ରୂପେ ଲୋକସଭାରେ ଉପସ୍ଥାପନ ହେବ । ସରକାରଙ୍କ ବର୍ତ୍ତମାନ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ନଥିବାରୁ ଏବଂ ଏକ ଦେଶ ଏକ ନିର୍ବାଚନକୁ ସଂଘୀୟ ବ୍ୟବସ୍ଥାର ଉଲ୍ଲଙ୍ଘନ ବୋଲି ବିରୋଧୀ ରାଜନୈତିକ ଦଳମାନେ ଅଭିଯୋଗ କରୁଥିବାରୁ ଲୋକସଭାର ଅର୍ଗଳି ଡେଇଁ ରାଜ୍ୟସଭାକୁ ଯିବା ଏତେ ସହଜ ହେବ ନାହିଁ । ୨୦୨୩, ସେପ୍ଟେମ୍ବର ୨ ତାରିଖରେ ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୧୯୧ ଦିନର ତର୍ଜମା ଓ ବିଚାରବିମର୍ଶ ପରେ ଗତ ମାର୍ଚ୍ଚ ୧୪ ତାରିଖରେ କେନ୍ଦ୍ର ସରକାରଙ୍କୁ ୧୮, ୬୨୬ ପୃଷ୍ଠାର ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ୨୧, ୫୫୮ ଜଣଙ୍କ ମତ ଲିପିବଦ୍ଧ ରହିଛି । ସେମାନଙ୍କ ମଧ୍ୟରୁ ୮୦% ଏକା ସାଙ୍ଗରେ ସବୁ ନିର୍ବାଚନ ସପକ୍ଷରେ ମତ ଦେଇଥିବା ବେଳେ ବାକି ୨୦% ବିପକ୍ଷରେ ମତ ଦେଇଛନ୍ତି । କିନ୍ତୁ ନାଗରିକଙ୍କ ମତ ଆହ୍ୱାନ ବେଳେ କେବଳ ଇଂରାଜୀ ଓ ହିନ୍ଦୀ ଭାଷା ବ୍ୟବହାର କରାଯାଇଥିବାରୁ ତାହା ଦେଶର ସବୁ ପ୍ରଦେଶ ଓ ସବୁ ଅଞ୍ଚଳର ସାର୍ବଜନୀନ ପ୍ରତିନିଧିତ୍ୱ କରୁନାହିଁ । ୪୭ଟି ନିର୍ବାଚିତ ରାଜନୈତିକ ଦଳମାନଙ୍କ ମଧ୍ୟରୁ ଏନ୍‌ଡିଏର ୩୨ଟି ଦଳ ଏହାକୁ ସମର୍ଥନ କରୁଥିବା ବେଳେ ୧୫ଟି ଦଳ ବିରୋଧ କରୁଛନ୍ତି । ଏହି ବିରୋଧ ପଛର କାରଣ ମଧ୍ୟ ସ୍ପଷ୍ଟ । ଗୋଟିଏ ଥରରେ ଲୋକସଭା ଓ ବିଧାନସଭା ନିର୍ବାଚନ ହେଲେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକ ଗୁରୁତ୍ୱ ହରାଇବେ ଏବଂ ଆଞ୍ଚଳିକ ଦଳଗୁଡ଼ିକର ଅସ୍ତିତ୍ୱ ବିପଦକୁ ଆସିଯିବ । ଏହାଛଡ଼ା ରାଜ୍ୟ ବିଧାନସଭାମାନଙ୍କର ଅନେକ ସ୍ୱାଧୀନତା ବିପନ୍ନ ହେବ । 'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ବିଧେୟକ ସଂସଦରେ ଆଗତ କରିବାକୁ ପଡ଼ିବ ଏବଂ ଏଥିପାଇଁ ସମ୍ବିଧାନରେ ସର୍ବମୋଟ ୧୫ଟି ସଂଶୋଧନ କରିବାକୁ ହେବ । କେତେକ ନୂଆ ଧାରା ଯୋଡ଼ା ଯିବ ଏବଂ ପ୍ରଚଳିତ ଧାରାରେ କେତେକ ସଂଶୋଧନ ଆଣିବାକୁ ହେବ, ଯାହା ଆଗକୁ ଦ୍ୱନ୍ଦ୍ୱ ଓ ବିବାଦ ସୃଷ୍ଟି କରିବାର ଆଶଙ୍କା ରହିଛି । ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକସଙ୍ଗରେ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଧେୟକ କେବଳ ସଂସଦରେ ସଂଖ୍ୟାଗରିଷ୍ଠ ବହୁମତରେ ପାରିତ କରାଯାଇପାରିବ, ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ସହମତି ଅନାବଶ୍ୟକ ବୋଲି କମିଟି ସୁପାରିସ କରିଛି । ଏଥିପାଇଁ ବିଧେୟକରେ ସମ୍ବିଧାନରେ ୮୨ଏ ନାମରେ ଏକ ନୂଆ ଧାରା ଯୋଡ଼ାଯିବ । ଏହି ସୁପାରିସ ହିଁ ପ୍ରବଳ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି । କାରଣ ଏକ ଦେଶ ଏକ ନିର୍ବାଚନ ବ୍ୟବସ୍ଥା ୨୦୨୯ରୁ କାର୍ଯ୍ୟକାରୀ ହେଲେ ୧୭ ରାଜ୍ୟର ବିଧାନସଭାକୁ ପୂର୍ଣ୍ଣକାଳୀନ ପାଞ୍ଚବର୍ଷର ଅବଧି ପୂର୍ବରୁ ଭାଙ୍ଗିବାକୁ ପଡ଼ିବ । ସେହି ରାଜ୍ୟଗୁଡ଼ିକର ବିନା ସହମତିରେ ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ସଂଘୀୟ ବ୍ୟବସ୍ଥା ନୁହେଁ, ବରଂ ଏହା କେନ୍ଦ୍ରର ମନମୁଖି ଆଭିମୁଖ୍ୟ ଭାବେ ଧରାଯିବ । ଦ୍ୱିତୀୟ ବିଧେୟକରେ ପଞ୍ଚାୟତ ଓ ପୌରପରିଷଦ, ନଗରପାଳିକା, ମହାନଗର ନିଗମର ନିର୍ବାଚନ ଏବଂ ଭୋଟର ତାଲିକାରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ରହିଛି । ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ଦୁଇ-ତୃତୀୟାଂଶ ମତ ଅପରିହାର୍ଯ୍ୟ । ଭୋଟର ତାଲିକା, ପଞ୍ଚାୟତ ଓ ବିଧାନସଭା ପରିଚାଳନା ରାଜ୍ୟ ଅଧିକାର ତାଲିକା ଅଧୀନରେ ଆସୁଥିବା ବେଳେ ଏ ଦୁଇଟି ପାଇଁ ଉଦ୍ଦିଷ୍ଟ ଦୁଇଟି ବିଧେୟକରେ ଭିନ୍ନ ସର୍ତ୍ତ ଆଗାମୀ ଦିନରେ ବୈଧାନିକ ଜଟିଳତା ସୃଷ୍ଟି କରିବ । ପୁଣି ସେଥିରେ କୁହାଯାଇଛି ଯେ ଏକା ସହିତ ନିର୍ବାଚନ ପ୍ରକ୍ରିୟାରୁ କୌଣସି ରାଜ୍ୟକୁ କୌଣସି କାରଣବଶତଃ ନିର୍ବାଚନ ଆୟୋଗ ବାଦ୍ ଦେଇପାରିବେ, କିନ୍ତୁ ଏହାର କାରଣ ସେ ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ । ଏହି ଆଳରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣାର ରାଜନୀତିକରଣ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ ।

କବିପୁତ୍ର ଭଗବାନ ମେହେର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସେ ମୋର ପୂଜ୍ୟ ପିତାମହ, ସେଥିପାଇଁ ଏ କଥା ଲେଖୁଛି ତାହା ନୁହେଁ । ସମଗ୍ର ଭାରତବର୍ଷ ଓ ବିଶ୍ୱ ସାହିତ୍ୟ ଜଗତର ବହୁ ବିଶିଷ୍ଟ କବି, ଲେଖକଙ୍କ ମହାନ୍ ସନ୍ତାନ-ସନ୍ତତିଙ୍କ ଜୀବନଧାରା ସମ୍ପର୍କରେ ନିବିଷ୍ଟ ଚିତ୍ତରେ ଅଧ୍ୟୟନ ଓ ଅନୁସନ୍ଧାନ କରିବା ପରେ ଯେଉଁ ଚୂଡ଼ାନ୍ତ ସତ୍ୟରେ ଉପନୀତ ହେଲି, ସେଥିରେ ମୁଁ ନିଜେ ବିସ୍ମୟାଭିଭୂତ । କାରଣ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଭଗବାନ ମେହେରଙ୍କ ଉତ୍ସର୍ଗୀକୃତ ଜୀବନ ବାସ୍ତବିକ ଅତୁଳନୀୟ । ଯେତେବେଳେ ମାତ୍ର ପାଞ୍ଚବର୍ଷ ବୟସର ସେ ଶିଶୁଟିଏ ମାତ୍ର, ସେତେବେଳେ ହୋଇଯାଇଥିଲେ ମାତୃହରା । ସମଗ୍ର ଜୀବନ ବ୍ୟାପି ପୂଜ୍ୟ ପିତୃଦେବ ଗଙ୍ଗାଧର ମେହେରଙ୍କ ସ୍ନେହ-ବଳୟ ମଧ୍ୟରେ ଥିଲେ ସୁରକ୍ଷିତ । ସ୍ୱାସ୍ଥ୍ୟର ଅବସ୍ଥା ରହୁଥିଲା ପ୍ରାୟ ପ୍ରତିକୂଳ । ସେଥିପାଇଁ ଷଷ୍ଠ ଶ୍ରେଣୀରୁ ଆଉ ଆଗକୁ ଯାଇପାରି ନଥିଲି । ନିଜର ଗୃହ ହିଁ ଥିଲା ତାଙ୍କ ପାଇଁ ଏକ ବିଶ୍ୱବିଦ୍ୟାଳୟ । ତାହାର କୁଳପତି ଥିଲେ ସ୍ୱୟଂ କବି ଗଙ୍ଗାଧର । ପିତୃଦେବଙ୍କ ନିର୍ଦ୍ଦେଶନାରେ ସେ ଅଧ୍ୟୟନ କଲେ ଓଡ଼ିଆ, ବଙ୍ଗଳା, ସଂସ୍କୃତ ଓ ହିନ୍ଦୀ ଭାଷାର ଅଗଣିତ ପୁସ୍ତକ । ସବୁଠାରୁ ତାଙ୍କ ପାଇଁ ଥିଲା ଶ୍ରେଷ୍ଠ ଆଶୀର୍ବାଦ ଯେ କବି ତାଙ୍କ ନିଜ ସମସ୍ତ କାବ୍ୟ କବିତାର ପାଣ୍ଡୁଲିପି ପ୍ରସ୍ତୁତ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ । ଭଗବାନ ମେହେର ସେହି ଅତୀତ ଦିନର ସ୍ମୃତିଚାରଣ କରି କହିଛନ୍ତି ତାହା ତାଙ୍କ ପକ୍ଷରେ ନିଜ ଜୀବନ ସଞ୍ଚାରକ ହୋଇପାରିଥିଲା । ପାଣ୍ଡୁଲିପିଗୁଡ଼ିକର ସୁନ୍ଦର ପ୍ରତିଲିପି ପ୍ରସ୍ତୁତ କରୁ କରୁ ତାଙ୍କ ଡାହାଣ ହାତର ଆଙ୍ଗୁଠି ଗୁଡ଼ିକ ହେଲା ପୀଡ଼ାଗ୍ରସ୍ତ । ଆଉ ଲେଖି ପାରିଲେ ନାହିଁ କିଛି । କିନ୍ତୁ ସେ ତ ପରାଜୟ ବରଣ କରିନେବା ନିମିତ୍ତ ଆସିନଥିଲେ ଏ ପୃଥିବୀକୁ । ଅନ୍ତଃସ୍ଥଳରୁ ଲାଭ କଲେ ଅଲୌକିକ ପ୍ରେରଣା । ବାମ ହାତରେ ପ୍ରତିଲିପି ପ୍ରସ୍ତୁତ କରିବାର । ସାଧନା ବଳରେ କୌଣସି କଥା ଏ ଜଗତରେ ଅସମ୍ଭବ ହୋଇ ରହିନାହିଁ । ସେ ଧୀରେ ଧୀରେ ଏହି ବାମହସ୍ତ ଦ୍ୱାରା ଲେଖନୀଚାଳନା କରି ସଫଳତାର ଶୀର୍ଷ ସୀମାରେ ଉପନୀତ ହୋଇପାରିଥିଲା । ଡାହାଣ ହାତର ଅକ୍ଷର ଗୁଡ଼ିକ ଯେତିକି ସୁନ୍ଦର, ବାମ ହାତର ଅକ୍ଷର ତାହାଠାରୁ ଦେଖାଗଲେ ଅଧିକ ମଞ୍ଜୁଳ ଓ ଆକର୍ଷଣୀୟ ।

ନିଜର ପ୍ରତିଭା ଥିଲା ଲୁକ୍କାୟିତ ହୋଇ । ଯୌବନ ଅବସ୍ଥାରେ ଲେଖିଥିଲେ ଅନେକ କବିତା, ଯାହା ତତ୍କାଳୀନ ସାହିତ୍ୟ ପତ୍ରପତ୍ରିକାରେ ପ୍ରକାଶିତ । ତେବେ ଏ ସବୁକୁ ପୁସ୍ତକାକାରରେ ପ୍ରକାଶ କରିବା ନିମିତ୍ତ ସର୍ବଦା ସେ ରହିଛନ୍ତି କୁଣ୍ଠିତ ହୋଇ । ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ କବି ପରିବାରଙ୍କ ଦ୍ୱାରା ପ୍ରକାଶିତ ହେଲା ସେହି ସବୁ କବିତା 'ଚୟନିକା' ନାମ ଧାରଣ କରି । ଏସବୁ ସତ୍ତ୍ୱେ ତାଙ୍କର ଶ୍ରେଷ୍ଠ କୃତି ହେଉଛି ଗଙ୍ଗାଧରଙ୍କ ପ୍ରାମାଣିକ ଜୀବନୀ 'ପିତୃପ୍ରସଙ୍ଗ' । ଅନେକ କୃତି କୃତୀ ସନ୍ତାନ ନିଜ ନିଜ ସୁବିଖ୍ୟାତ ପିତାଙ୍କ ଜୀବନୀ ରଚନା କରିଛନ୍ତି । କିନ୍ତୁ ତା ସହିତ ଯେତେବେଳେ ପିତୃପ୍ରସଙ୍ଗକୁ ବ୍ୟକ୍ତିଗତ ସମ୍ପର୍କରୁ ଊର୍ଦ୍ଧ୍ୱକୁ ଯାଇ ବିଚାର କରିଛି ମୁଁ, ସେତେବେଳେ ଅନୁଭବ କରି ପାରିଛି ଯେ- ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଏକ ଗ୍ରନ୍ଥ ରଚନା କେତେ ଦୁର୍ଲଭ । ବହିଟିର ଏପରି ଗୋଟିଏ ବି ବାକ୍ୟ ନାହିଁ, ଯେଉଁଠି ଅନାବଶ୍ୟକ ଭାବରେ ସେ ନିଜ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି । ନାହିଁ ମଧ ଆପଣାକୁ ପ୍ରଦର୍ଶନ କରିବାର ସାମାନ୍ୟ ବି ଆସକ୍ତି । ବିନୟ-ବୋଧରେ ସମଗ୍ର ପୁସ୍ତକଟି ହୋଇଉଠିଛି ଯେପରି ସଂକେତାତ୍ମକ ଓ ପ୍ରଭାବତିକ୍ତ ତାହା ବାରମ୍ବାର ପାଠ ନକଲେ ଜଣେ ହୃଦୟଙ୍ଗମ କରିବା ସହଜସାଧ ନୁହେଁ । ମୋ ଜୀବନରେ ସବୁଠାରୁ ଅଧିକଥର ଯଦି ପଢ଼ିଥିବି କେଉଁ ଗ୍ରନ୍ଥ ତାହା ହେଲା ଏହି ପିତୃପ୍ରସଙ୍ଗ ପ୍ରତି ଭକ୍ତ ନିବେଦନ କରି ଆସିଛନ୍ତି । ବହିଟିକୁ ଯେତେଥର ପଢୁଥିଲେ, ସେତିକି ନୂତନ ନୂତନ ତଥ୍ୟାବିଷ୍କାର ସମ୍ଭବ ହୁଏ । ଗଙ୍ଗାଧର ସ୍ମୃତିରକ୍ଷା ସକାଶେ ସେ ବରପାଲି ଜନତାଙ୍କ ପ୍ରତିନିଧି ହୋଇ ପ୍ରସ୍ତୁତ କରିଛନ୍ତି ଏପରି ପରିଯୋଜନା ଯାହା କୌଣସି ସାଧାରଣ ଉତ୍ତରାଧିକାରୀ କରିପାରିବେ ନାହିଁ । କବିଙ୍କ ସମାଧି ଓ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା, ଗଙ୍ଗାଧର ସ୍ମୃତିଭବନ ନିର୍ମାଣ, ଗଙ୍ଗାଧର ଗ୍ରନ୍ଥାବଳୀ ପ୍ରକାଶନ, କବିଙ୍କ ଜନ୍ମଗୃହ ଜାତୀୟକରଣ ଆଦି ପ୍ରତ୍ୟେକ କାର୍ଯ୍ୟ ଗୋଟିକ ପରେ ଆଉ ଗୋଟାଏ ବରପାଲିର ସଚେତନ ଭଦ୍ରମଣ୍ଡଳୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି କରିଯାଇଛନ୍ତି ଯେ, ତାହା ଯେକୌଣସି ପାଠକ ବା ଦର୍ଶକ ପ୍ରାଣକୁ ପ୍ରେରଣାପ୍ଲୁତ କରିଦେଇଥାଏ । ଚାହିଁଥିଲେ ସେ ନିଜର କବି ପ୍ରତିଭାର କିମ୍ବା ଗଦ୍ୟରଚନାର ସ୍ୱରୂପ ପ୍ରକାଶ କରି ପାରିଥାନ୍ତେ, ବୃହତ୍ତର ହୋଇପାରିଥାନ୍ତେ । ମାତ୍ର ତାହା ନକରିବା ଫଳରେ ସେ ସ୍ୱନିଷ୍ଠ ପ୍ରତିଭାର ପରିଚୟ ପ୍ରଦାନ କରିପାରି ନାହାନ୍ତି । ନିଜସ୍ୱ ପ୍ରତିଭା ପ୍ରକାଶ କରିବା ଯେପରି ଉଚ୍ଚକୋଟୀର ସାଧନାର ପରିଚୟ ଦେଇଥାଏ, ସେହିପରି ପ୍ରତିଭାର ଆଲୋକଶିଖାକୁ ଅନ୍ତରାଳରେ ରଖି ପାରିବା ମଧ ଶ୍ରେଷ୍ଠ କଳାର ଆରାଧନା । ଲୋକଲୋଚନ ଅଗୋଚରରେ ବଣମଲ୍ଲୀ ପରି ଫୁଟି ଉଠିବା ଓ ସେହିପରି ସମସ୍ତଙ୍କ ଅଜାଣତରେ ପାଖୁଡ଼ା ପାଖୁଡ଼ା ହୋଇ ଝରି ପଡ଼ିବାରେ ତାଙ୍କର ପିତୃପୂଜା ଓ ପରମେଶ୍ୱର ପୂଜା ଉଭୟ ହୋଇଛି ସାର୍ଥକତା ବିମଣ୍ଡିତ ।



ଶ୍ରାଦ୍ଧ ଦିବସ ଉପଲକ୍ଷେ

ଜନ୍ମ ତାଙ୍କର ହୋଇଥିଲା ୧୮୯୨ ଅଗଷ୍ଟ ୧୯ ତାରିଖ ଦିନ । ୮୬ବର୍ଷ ବୟସରେ ନିଜସ୍ୱ କର୍ତ୍ତବ୍ୟ ସମ୍ପାଦନ କରିସାରି ସେ ପ୍ରତ୍ୟାବର୍ତ୍ତନ କଲେ ପୂଜ୍ୟପିତାଙ୍କ ନିକଟରୁ ୧୯୭୭ ମସିହା ଡିସେମ୍ବର ୨୦ ତାରିଖ ଦିନ । ୧୯୭୭ରୁ ୨୦୨୪ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ହେଲା ୪୭ ବର୍ଷର ସମୟ । ଏହାରି ମଧ୍ୟରେ କିଏ ତାଙ୍କୁ ସ୍ମରଣ କରିଛନ୍ତି ବା ନକରିଛନ୍ତି ତାହା ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ତା'ଠାରୁ ଅଧିକ ମହତ୍ତ୍ୱ ମଣ୍ଡିତ ବିଷୟ ହେଲା ଯେ ତାଙ୍କ ପ୍ରଚେଷ୍ଟାରେ ନିର୍ମିତ ଗଙ୍ଗାଧରଙ୍କ ସ୍ମୃତିପୀଠ ସହସ୍ର ଅନୁରାଗୀ ଦର୍ଶକ ଦର୍ଶନକରି କବିଆତ୍ମା ପ୍ରତି ଭକ୍ତି ନିବେଦନ କରିଆସିଛନ୍ତି । ଆଉ ତାଙ୍କ ସମ୍ପାଦିତ ଗଙ୍ଗାଧର ଗ୍ରନ୍ଥାବଳୀ ହିଁ ସବୁଠାରୁ ଅଧିକ ପ୍ରାମାଣିକ । କବିଙ୍କ ଜୀବନ ରଚିତ 'ପିତୃପ୍ରସଙ୍ଗ' ଏପରି ଏକ ପ୍ରାମାଣିକ ଗ୍ରନ୍ଥ, ଯାହାର ଅବଲମ୍ବନରେ ଗଢ଼ି ଉଠିଛି ବିପୁଳ ପାଠକୀୟ ଆଗ୍ରହ ଗଙ୍ଗାଧର ସାହିତ-ସମାଲୋଚନା । ଆଜି ଏକଥା ମଧ ମନେ ପଡ଼ି ଯାଉ ଯେ କବିଙ୍କ ବ୍ୟବହୃତ ସାମଗ୍ରୀ, ପାଣ୍ଡୁଲିପି, ଚିଠିପତ୍ର ଆଦି ସେ ସାଇତି ରଖିଥିଲେ ବୋଲି ସେସବୁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ରହିଛି ଚିତ୍ତାକର୍ଷକ ସାରସ୍ୱତ ସମ୍ପଦ ହୋଇ । ଆଜି କବିପୁତ୍ର ଭଗବାନ ମେହେରଙ୍କ ୪୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏହା ଏକ ବିନମ୍ର ଭକ୍ତିନିବେଦନ ।

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱ ବିଦ୍ୟାଳୟ,
ଭୁବନେଶ୍ୱର

ସଂଗଠନ ମୁହାଁ ଜୀବନ

ବୈଷ୍ଣବ ମେହେର

ଏକତା ହିଁ ସବୁଠାରୁ ବଡ଼ ଶକ୍ତି । ଏକତା ବଳରେ ବହୁ ଅସାଧ୍ୟକୁ ସାଧ୍ୟ କରାଯାଇ ପାରେ । ଏକତାର ମୁଖ୍ୟ ମାଧ୍ୟମ ହେଉଛି ସଂଗଠନ । ସଂଗଠନ ମାଧ୍ୟମରେ ଗୋଟିଏ ସମାଜର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ମାଙ୍ଗଳିକ, ଆର୍ଥୀକ ଆଦିର ସଂସ୍କାର ଓ ବିକାଶକୁ ଅଚିରେ ପ୍ରାପ୍ତ କରାଯାଇପାରେ । କିନ୍ତୁ ସଂଗଠନ ପ୍ରତି ମୁହୂର୍ତ୍ତ ସତ୍ୟ, ସମାନତା, ନ୍ୟାୟ ଓ ନିରପେକ୍ଷତାର ମୂଳଦୂଆ ଉପରେ ଦଣ୍ଡାୟମାନ ହୋଇଥିବା ଦରକାର । ଗଙ୍ଗାପାଣି ସକଳ କଳୁଷ କାଳିମାକୁ ଧୋଇ ଦେଇ ବ୍ୟକ୍ତିକୁ ଶୁଦ୍ଧ ପବିତ୍ର ତଥା ସୌଭାଗ୍ୟବନ୍ତ କଲା ଭଳି ସଂଗଠନ ଟିଏ ସମସ୍ତ ପ୍ରକାର ସଙ୍କଟ, ସମସ୍ୟା, ପାପତାପ ତଥା ସୁଖଦୁଃଖରେ ଆତ୍ମୀୟ ଭଳି ସମଭାବ ବ୍ୟକ୍ତ କରି ପବିତ୍ର ମନରେ ସହଯୋଗର ହାତ ବଢ଼ାଇ ଥାଏ । ତେଣୁ ତ ଗୋଟିଏ ସଂଗଠନର କର୍ମ, ଧର୍ମ ଓ ଉଦ୍ଦେଶ୍ୟ ଗଙ୍ଗାଧାର ପରି ଆଦର୍ଶ, ଶୁଦ୍ଧ ଏବଂ ପବିତ୍ର ହୋଇଥାଏ ।

ବ୍ୟକ୍ତିକୁ ନେଇ ସଂଗଠନ ଗଠିତ । ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ସଂଗଠନ ଯେପରି ଯତ୍ନବାନ ଥାଏ ସେହିପରି ସଂଗଠନ ପ୍ରତି ବ୍ୟକ୍ତିର ଦାୟିତ୍ୱ ତଥା ସମ୍ମାନବୋଧ ରହିଲେ ହିଁ ଉଭୟ ବ୍ୟକ୍ତି ଓ ସଂଗଠନ ଶ୍ରୀମଣ୍ଡିତ ହୋଇଥାନ୍ତି । ଗୋଟିଏ ସଂଗଠନରେ ଜଡ଼ିତ ବ୍ୟକ୍ତିଙ୍କ ଚାଲିଚଳନ, କଥାଭାଷା, ବେଶଭୂଷା, ରୀତିନୀତି, ଆଚାର ବ୍ୟବହାର ଯେତେ ରଚିବନ୍ତ ଓ ସଂସ୍କାରିତ ସେ ସଂଗଠନ ସେତେ ପ୍ରତିଷ୍ଠିତ ଓ ସର୍ବଜନାଦୃତ । ଅପରପକ୍ଷେ ଗୋଟିଏ ସଂଗଠନ ସଂପୃକ୍ତ ଅଂଚଳର ପାରମ୍ପରିକ ପ୍ରଥା ପ୍ରତି ଯେପରି ଶ୍ରଦ୍ଧାବାନ ହେବା କଥା ସେହିପରି ନୂତନତା ତଥା ଆଧୁନିକତା ପ୍ରତି ସେତିକି ଉଦାର ହେଲେ ହିଁ ସମୟ ସହ ତାଳ ଦେଇ ଆଗକୁ ଅଗ୍ରସର କରିହୁଏ । କିନ୍ତୁ ଅତ୍ୟାଧୁନିକତା ନାଁରେ ଉଶୃଙ୍ଖଳିତ ହେବାକୁ କୌଣସି ସଦସଂଗଠନ ପ୍ରଶୟ ଦିଏ ନାହିଁ । ଅପରପକ୍ଷେ ନିଜସ୍ୱ ପୃଥିବୀ ମଧ୍ୟରେ ନିଜକୁ ବ୍ୟସ୍ତ ଏବଂ ମସ୍ତ ଭାବୁଥିବା କିଛି ବ୍ୟକ୍ତି ପ୍ରାୟତଃ ଚିନ୍ତା କରନ୍ତି ଯେ ଆମେ କାଦୁଅକୁ ଯିବା କାହିଁକି ଆଉ ଗୋଡ଼ ଧୋଇବା କାହିଁକି ! ସମାଜରେ ଯାହା ବି ଉତଥାନ ପତନ ଘଟୁନା କାହିଁକି ନିଜେ ଭଲ ଥିଲେ ଦୁନିଆଁ ଭଲ ନୀତିକୁ ଆପଣେଇ ନେବାରେ ହିଁ ସେମାନେ ଖୁବ ସିଦ୍ଧହସ୍ତ । କିନ୍ତୁ ସମାଜ, ସଂଗଠନ ପ୍ରେମୀ ମଣିଷମାନେ ସମାଜରେ ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଧ୍ୟ ଭାବ ପ୍ରତିଷ୍ଠା ପାଇଁ ଘରେ ନ ବସି ନିଜ ବ୍ୟକ୍ତିଗତ କାର୍ଯ୍ୟକୁ ପଛରେ ପକାଇ ସାମୂହିକ କାର୍ଯ୍ୟରେ ନିଜକୁ ସମର୍ପିତ କରିବାରେ ଆନନ୍ଦ ଲାଭ କରନ୍ତି । ସେହି ନିସ୍ୱାର୍ଥପର ସମାଜସେବୀ ମାନେ ଆମର ଚିର ନମସ୍ୟ ଓ ସ୍ମରଣୀୟ ହୋଇ ଯାଆନ୍ତି । ପୁନଶ୍ଚ ଏକଥା ସଦା ମନେ ରଖିବାକୁ ହେବ ଯେ କୌଣସି ସଂଗଠନ ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପରସ୍ପର ପ୍ରତି ଉଦାର ଭାବ ପୋଷଣ କରିବା ନିହାତି ଦରକାର । ଆତ୍ମବଡ଼ିମା ଦେଖାଇବା କିମ୍ବା ନିଜନିଜ ମଧ୍ୟରେ ଅସୂହା ଭାବ ପ୍ରକଟ କରିବା ଉଭୟ ବ୍ୟକ୍ତି ଓ ସଂଗଠନର ବିକାଶରେ ପ୍ରତିବନ୍ଧକ ସାଜିଥାଏ ।

ଗୋଟିଏ ଦିନରେ ସମାଜରେ ପରିବର୍ତ୍ତନ ଆଶା କରିବା ବୃଥା । କାଳକାଳରୁ ରହି ଆସିଥିବା ଅଭ୍ୟାସ କିମ୍ବା ପ୍ରକୃତି ଏତେ ଶୀଘ୍ର ଯିବା ଆଦୌ ସହଜ ନୁହେଁ । ସେହି ଆଧାରରେ ସଂପ୍ରତି ବିଜ୍ଞାନ ଯୁଗରେ ବି ଅନେକ ପୁରୁଣା କୁସଂସ୍କାର, ଅନ୍ଧବିଶ୍ୱାସ ମଧ୍ୟରୁ କିଛି ଏବେ ମଧ୍ୟ ଆମ ଭିତରେ ଆତଯାତ ହେଉଚାଲିଛି । ତଥାପି ଏହି କଥାକୁ ଆଳ କରି କୁସଂସ୍କାର ଭିତରେ ନିଜକୁ ଦୁର୍ବଳ କରିଦେବା ସମୀଚିନ ହେବ ନାହିଁ । ସମାଜରେ ଯେତେ ଦୁର୍ନୀତି, ବ୍ୟଭିଚାର, ଗର୍ବ ଅହଂକାର ପ୍ରଭାବଶାଳୀ ହେଉନା କାହିଁକି, ଆମ ଆଖିରେ ଯଦି ଏକ ଶୁଦ୍ଧ ଓ ସ୍ୱଚ୍ଛତାରେ ପରିପୂର୍ଣ୍ଣ ନୂତନ ସମାଜର ସ୍ୱପ୍ନ ଭରି ଦେଇ ପାରିବା ତେବେ ଆମ ପ୍ରୟାସରେ କୌଣସି ବି ପ୍ରତିବନ୍ଧକ ଅନ୍ତରାୟ ସୃଷ୍ଟି କରି ପାରିବ ନାହିଁ ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

ଓରମାସ ଉତ୍ପାଦରେ ଖଣ୍ଡୁଆ ପାଟ

ବିପିନ ବିହାରୀ ରାଉତ

ଓଡ଼ିଆଙ୍କ ଜନଜୀବନରେ ଖଣ୍ଡୁଆ ପାଟର ମହକ, ଆଦର, ସମ୍ମାନ, ଭଲ ପାଇବା କାହିଁରେ କେତେ । ଖଣ୍ଡୁଆ ବୋଇଲେ ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ବ୍ୟବହୃତ ଲାଲ ରଙ୍ଗର ପାଟବସ୍ତ୍ରକୁ ବୁଝାଏ । ଖଣ୍ଡୁଆ, ପାଟ ବା ଟସର ସୂତାରେ ବୁଣାଯାଇ ତହିଁରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ କୁଶଳତାର ସହ ଆବେଗମୟ ଚିତ୍ରିତ ହୋଇଥାଏ । ଓଡ଼ିଶାର କେତେକ ଗଡ଼ଜାତର କୌଳିକ ବୃତ୍ତିର ତନ୍ତୀମାନେ ଅତି ଉତ୍କୃଷ୍ଟ ଚିତ୍ର ବିଚିତ୍ର ଖଣ୍ଡୁଆ ବୁଣୁଥିଲେ । ଓଡ଼ିଆଙ୍କ ପୋଷାକ ପରିପାଟୀରେ ଖଣ୍ଡୁଆର ସ୍ଥାନ ମଧ ସ୍ୱତନ୍ତ୍ର । କଟକର ମାଣିଆବନ୍ଧ ଓ ନୂଆପାଟଣା ମୂଳକ ଖଣ୍ଡୁଆ ପାଟ ପାଇଁ ଦେଶ ବିଦେଶରେ କେବଳ ବିଖ୍ୟାତ ହୋଇନି ଏଣିକି ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ପ୍ୟାକେଟ ବକ୍ସ ଭିତରେ ଖଣ୍ଡୁଆ ପାଟ ମିଳିବାର ବ୍ୟବସ୍ଥା ହୋଇଛି । ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କ୍ୟୁଆର କୋର୍ଡ଼ ରହିଥିବା ପ୍ୟାକେଜିଂ ବ୍ୟବସ୍ଥା ସହ ଉନ୍ନତମାନର ହସ୍ତତନ୍ତ ଶାଢ଼ୀ ପ୍ୟାକେଜିଂ ବକ୍ସର ବିଧିବଦ୍ଧ ଭାବେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କର ଏହି ସଫଳମୟ ଲୋକପ୍ରିୟ ଯୋଜନାଟିକୁ ଓରମାସ ନିର୍ବାହ କରିଥିବାବେଳେ କଟକର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ନୌବାଣିଜ୍ୟ ସଂଗ୍ରାହଳୟରେ ଏହାକୁ ଉନ୍ମୋଚନ କରିଛନ୍ତି । ଅନେକ ସ୍ୱତନ୍ତ୍ରତା ଏହି ପ୍ୟାକେଜିଂ ବ୍ୟବସ୍ଥା ଭିତରେ ରହିଛି । ଅତ୍ୟନ୍ତ ସୁରକ୍ଷିତ ରହିଥିବା କ୍ୟୁଆରକୋର୍ଡ଼କୁ ଜଣେ ନିଜ ମୋବାଇଲରେ ସ୍କାନ କରିବା ମାତ୍ରେ ଏହା ଶାଢ଼ୀର ପ୍ରସ୍ତୁତ କର୍ତ୍ତା, ସ୍ଥାନ ବିଶେଷ ଓ ସୂତାର ମାନ ଠାରୁ କାରିଗରଙ୍କ ପରିଚୟଙ୍କ ଠାରୁ ଅନେକ ସାମଗ୍ରୀକ ତଥ୍ୟ ମିଳିବାର ବ୍ୟବସ୍ଥା ହୋଇଛି ।

ଓରମାସ ପକ୍ଷରୁ ସରକାରଙ୍କ ଲୋକପ୍ରିୟ ସ୍ୱାବଲମ୍ବୀ ଯୋଜନା ଗୁଡ଼ିକ କିପରି ଗ୍ରାମାଞ୍ଚଳରେ ରହିଥିବା ମୂଳ ଉତ୍ପାଦକ ଗୋଷ୍ଠୀ ମାନଙ୍କ ପାଖରେ ପହଞ୍ଚିବ ଓ ସେମାନଙ୍କ ପ୍ରସ୍ତୁତ ତଥା ବିଭିନ୍ନ ଉତ୍ପାଦର ବିକାଶ ସହ ବିବିଧ କରଣ, ଖୁଚୁରା ବିକ୍ରୟ ସହ ନିଜ ବ୍ରାଣ୍ଡର ଉନ୍ନତି କରଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେହିପରି କଟକ ଜିଲ୍ଲାରେ ରହିଥିବା ବିଭିନ୍ନ ହସ୍ତ ପ୍ରସ୍ତୁତ ସାମଗ୍ରୀ ଓ ସେମାନଙ୍କର ସାମଗ୍ରିକ ବିବରଣୀ ତଥ୍ୟ ପୁସ୍ତିକାଟି ମଧ ଲୋକାର୍ପଣ ହୋଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ମାନ୍ୟବର ଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ମାର୍ଗ ଦର୍ଶନ । କାରୀଗରମାନେ ଆତ୍ମନିର୍ଭରଶୀଳ ହୋଇ ନିଜ ଉତ୍ପାଦ ସାମଗ୍ରୀ ଗୁଡ଼ିକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଗୁରୁତ୍ୱ ଦେବା ସହ ବ୍ରାଣ୍ଡିଂ ଓ ପ୍ୟାକେଜିଂକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଉପଯୋଗୀ କରାଇବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମେସର୍ସ, ଆରଜିବି, ଅଗ୍ରୋଟେକ ଲିମିଟେଡ, ମେସର୍ସ ପ୍ରିମିୟର, ଇରିଗେସ, ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା । ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କଟକ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସ ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସାନ୍ଧୁଲ ରାମା ରାଓ, ଜୟ ଭାରତ ସ୍ୱାଇସର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ଶିବାନୀ ଟ୍ରେଡ଼ର୍ସ, ଶ୍ୟାମ ହରବାଲ, ଜୀବନଜ୍ୟୋତି ହରବାଲ, ଉତ୍କଳ ଇଣ୍ଟରନ୍ୟାସନାଲ ଆଗ୍ରିସୋଲ, ଜୁବିସ ଡିଜାଇନର ହାଉସ, ଓଡ଼ିଟ୍ରାଇବ, ସାଇ ଏକ୍ସପର୍ଟ, ପ୍ରିମିୟର ଇରିଗେସନ ଏଜିଟେକ୍, ଭିଲ୍ଲାମାର୍ଟ, ରାଜୀବ ଆଗ୍ରୋଟେକ ଆଦି ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ । ଜନଜୀବନ ଓ ଜନ ଚେତନାରେ ଆଦର ମହକ ରଖିଥିବା ଖଣ୍ଡୁଆ ପାଟ ଏବେ ସମସ୍ତଙ୍କ ହାତ ପାହାନ୍ତାରେ ଘରେ ଘରେ ହିଁ ଉପଲବ୍ଧ ହୋଇପାରିବ ଏହା ହିଁ ସବୁଠାରୁ ଓରମାସର ଲୋକପ୍ରିୟ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ।

ଯୁଗ୍ମ ନିର୍ବାହୀ ଅଧିକାରୀ,
ଓରମାସ, ଭୁବନେଶ୍ୱର

କବିତା କୋଣାର୍କ

ତୁମ ଲାଗି

ଦିବାକର ନାୟକ

କାହିଁ କେଉଁ ଦିନୁ ହୃଦୟ ମୋ ଦେଇ
ପାଉଛି ତୁମକୁ ଭଲ
ବିଶ୍ୱାସରେ ତୁମେ ଜହର ଦେଲେ ବି
ମଣିବି ପୀୟୂଷ ତୁଲ ।

ତୁମ ଲାଗି ହେଉ ଚନ୍ଦ୍ରମାର ଝଡ଼
ଧୂଳିସାତ ହେଉ ଶତ ରାଜଗଡ଼
ତୁମକୁ ପାଇଲେ ଜାଳିପାରିବନି
ବିରହର ନିଆଁ ଝୁଲ...
କାହିଁ କେଉଁ ଦିନୁ ହୃଦୟ ମୋ ଦେଇ
ପାଉଛି ତୁମକୁ ଭଲ ।

ବିପରୀତ ଦିଗେ ବହିଯାଉ ନଈ
ସାଗର ବି ଶୁଖି ହେଉ ମରୁଭୂଇଁ
ସେଥିରେ ମୋ କିଛି ଯାଏ ଆସେ
ନାହିଁ
ତୁମେ ଯଦି ଅଛ ଭଲ...
କାହିଁ କେଉଁ ଦିନୁ ହୃଦୟ ମୋ ଦେଇ
ପାଉଛି ତୁମକୁ ଭଲ ।

ପାଟପୁର, କନିସି, ଗଞ୍ଜାମ
ମୋ: ୯୯୩୮୬ ୧୯୯୮୧

ବଂଶୀ ଗୀତ

ଡ. ଶୁଭେନ୍ଦୁ ମେହେର

ହଠାତ୍ କେବେକେବେ
ପଥର ଦେହରେ କଦମ୍ବ ଫୁଟେ,
ଡହ ଡହ ତାତି ବି
ସୁରିଲା ସୁରିଲା ଲାଗେ
ସେ' ବଂଶୀ ଦେହରେ ସୁର ଭରିଲେ
।

ତା' ବଂଶୀରେ ସମ୍ମୋହନ ଥାଏ
ବଶୀକରଣ ଥାଏ
ଆଉ ଐଶ୍ୱରୀୟ କମ୍ପନ ବି !
ତା' ବଂଶୀ ବାଜିଲେ......
ପାଣି ପାଷାଣ ହୁଏ,
ଯମୁନା ଉଜାଣି ବହେ,
ଶୁଷ୍କ ତରୁ ପଲ୍ଲବୀ ଉଠେ,
ପବନ ଅଟକି ଯାଏ ।
ପକ୍ଷୀମାନଙ୍କ ଡେଣା ଓଦା ହୁଏ,
ପଶୁମାନଙ୍କ ଆବେଗ ନୀରବି ଯାଏ !

ତା' ବଂଶୀର ରନ୍ଧ୍ରରେ
ବିଭୋର ପଣ ଥାଏ ବୋଲି
ହୃଦୟ ଓ ମନ ଲଟ୍‌କି ଯାଏ ।
ସେଇଥିପାଇଁ ତ,
ସେ' କ୍ଷେତ୍ରସାରା ବ୍ରଜବାଳୀଙ୍କ
ଜୀବନ ସଙ୍ଗୀତ ଗାଏ ।

ସେ' ଏବେ ସୁପ୍ତ ନୁହେଁ ଗୁମ୍ଫା
ଭିତରେ,
ଗୋପରୁ ମଥୁରା,
ଯମୁନା ଠାରୁ ପୁତନା
ବେଦକନ୍ୟା ଠାରୁ ଦେବକନ୍ୟା ଯାଏ
ସବୁଠି ସେ' ବିଚରଣ କରେ ।

ପାଦରେ ହଳେ କଠଉ
ବେକରେ ବାଘନଖି ମାଳି,
ହାତରେ ନଅ ପଗିଆ ବାଉଁଶ ବାଡ଼ି
ମୁଣ୍ଡେ ତା'ର ମୟୁର ଚୂଳି ।

ସେ' ନିଇତି ଗାଈ ଫିଟାଏ
ଗୋପାଳି ଗାଁ ରୁ !
ସାତ୍‌ବହନି ପୀଠରେ ବଇଁଶୀ ଫୁଙ୍କେ
ଚରାଏ ପାବ୍‌ଲି ସାରା
ଥକ୍କା ମାରେ ମେଘନାଦ ଗାଁରେ,
ଗାଈ ମାନଙ୍କୁ ପାଣି ପିଆଏ
ଗୋଘାଟ ପୋଖରୀ ତୁଠରେ ।

ତୁମେ ଶୁଣିନ କି !
ଶୁଣିବ ଯଦି.....

ତୁମ ନିତ୍ୟ ଚେତନାର ପ୍ରେମରେ
ଆତ୍ମା ଦେଇ
ରାସେଶ୍ୱରୀ ରାଧା ସାଜି
କୁଞ୍ଜ ସାରା ଖୋଜ,
ନଚେତ୍ କୃଷ୍ଣା ଭଳି
ନିଷ୍କଳଙ୍କ ସଫେଦ୍ ମନନେଇ
ନିଜକୁ ସଅଁପି ଦିଅ
ଅବଶ୍ୟ ପାଇବ ସେ' ପଦରଜ ।

ଯାଲୋଏ, ସୁବର୍ଣ୍ଣପୁର
ମୋ : ୯୯୩୮୪୩୩୬୬୪

୨୦୨୪ରେ ମନୋରଂଜନ ଜଗତକୁ ଶୋକ ସାଗରରେ ଛାଡିଯାଇଥିବା ୮ କଳାକାର

ଚଳିତ ବର୍ଷ ଅନେକ ସେଲିବ୍ରିଟିଙ୍କ ଘରେ ସୁଖ ଆଣିଥିବାବେଳେ କେତେକଙ୍କ ପରିବାରକୁ ଦୁଃଖ ସାଗରରେ ଛାଡିଦେଇଛି। ଇଣ୍ଡଷ୍ଟ୍ରିରେ କିଛି ତାରକା ଅଛନ୍ତି ଯେଉଁମାନେ ଚଳିତ ବର୍ଷ ଏ ଦୁନିଆକୁ ବିଦାୟ ଦେଇଛନ୍ତି। ଏମାନେ ଇଣ୍ଡଷ୍ଟ୍ରିର ଏପରି ତାରକା ଥିଲେ ଯାହାଙ୍କ ଅନୁପସ୍ଥିତି ଆଉ କାହା ଦ୍ୱାରା ପୂରଣ ହୋଇପାରିବ ନାହିଁ। ୨୦୨୪ ବର୍ଷ ଶେଷ ହେବାକୁ ମାତ୍ର ଆଉ କିଛି ଦିନ ବାକି ଅଛି। ଏହା ଅନେକ ସେଲିବ୍ରିଟିଙ୍କ ଘରେ ସୁଖ ଆଣିଥିବାବେଳେ ଇଣ୍ଡଷ୍ଟ୍ରିରେ କିଛି ତାରକା ଅଛନ୍ତି ଯେଉଁମାନେ ଚଳିତ ବର୍ଷ ଏ ଦୁନିଆକୁ ବିଦାୟ ଦେଇଛନ୍ତି। ଏମାନେ ଇଣ୍ଡଷ୍ଟ୍ରିର ଏପରି ତାରକା ଥିଲେ ଯାହାଙ୍କ ଅନୁପସ୍ଥିତି ଆଉ କାହା ଦ୍ୱାରା ପୂରଣ ହୋଇପାରିବ ନାହିଁ। ଆଜି ବି ଏହି ତାରକା ପ୍ରଶଂସକଙ୍କ ହୃଦୟରେ ଜୀବନ୍ତ ଅଛନ୍ତି। ଆଜି ଆମେ ଆପଣଙ୍କୁ ସେହି ସେଲିବ୍ରେଟିମାନଙ୍କ ବିଷୟରେ କହିବୁ ଯେଉଁମାନେ ୨୦୨୪ ମସିହାରେ ଏ ଦୁନିଆରୁ ବିଦାୟ ନେଇଛନ୍ତି। ତେବେ ଆସନ୍ତୁ ସେହି ତାରାମାନେ କିଏ ଜାଣିବା।

ସୁହାନୀ ଭଟନାଗର:

ଏହି ତାଲିକାର ପ୍ରଥମ ନାଁ ହେଉଛି ଆମୀର ଖାନଙ୍କ ଅନସ୍କ୍ରିନ ଝିଅ ଏବଂ 'ଦଙ୍ଗଲ' ଗର୍ଲ ସୁହାନୀ ଭଟନାଗର। ତାଙ୍କ ମୃତ୍ୟୁ ଖବର ସମସ୍ତ ପ୍ରଶଂସକଙ୍କୁ ଚକିତ କରିଦେଇଥିଲା। ମାତ୍ର ୧୯ ବର୍ଷ ବୟସରେ ସେ ଏ ଦୁନିଆ ଛାଡି ଚାଲିଗଲେ। ବିଶେଷଜ୍ଞଙ୍କ ଅନୁଯାୟୀ ସେ ଏକ ଅଟୋ-ଇମ୍ୟୁନ ରୋଗରେ ପିଡୀତ ଥିଲେ। ଏହା ଏକ ବିରଳ ରୋଗ। ମହିଳାମାନଙ୍କଠାରେ ଏହି ରୋଗ ହେବାର ସମ୍ଭାବନା ଅଧିକ।

ବିକାଶ ସେଠୀ:

ଲୋକପ୍ରିୟ ଟିଭି ଅଭିନେତା ବିକାଶ ସେଠୀଙ୍କ ମୃତ୍ୟୁ ଖବର ମଧ୍ୟ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ୦୮ ସେପ୍ଟେମ୍ବର ୨୦୨୪ରେ ସେ ଏ ଦୁନିଆ ଛାଡି ଚାଲିଗଲେ। ମାତ୍ର ୪୮ ବର୍ଷ ବୟସରେ ତାଙ୍କର ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେଇଥିଲା। ବିକାଶ ସେଠୀ ଜଣେ ପ୍ରସିଦ୍ଧ ଟିଭି ଅଭିନେତା ଥିଲେ। ସେ ସ୍ମୃତି ଇରାନୀ ଏବଂ ଏକତା କପୁରଙ୍କ ଲୋକପ୍ରିୟ ଟିଭି ଶୋ 'କ୍ୟୁଁକି ଶାଶ୍ ଭି କଭି ବହୁ ଥି'ରେ କାମ କରିଥିଲେ।

ଅତୁଲ ପରଚୁରେ:

ମରାଠୀ ଚଳଚ୍ଚିତ୍ର, ଟିଭି ଶୋ ଏବଂ ବଲିଉଡ୍ ଚଳଚ୍ଚିତ୍ରରେ ଅଭିନୟ କରି ଲୋକଙ୍କ ହୃଦୟକୁ ରାଜ୍ କରୁଥିବା ଅଭିନେତା ଅତୁଲ ପରଚୁରେ ମଧ୍ୟ ୧୪ ଅକ୍ଟୋବର ୨୦୨୪ରେ ମୃତ୍ୟୁବରଣ କରିଥିଲେ। ସେ ଦୀର୍ଘ ଦିନ ଧରି କର୍କଟ ରୋଗ ସହିତ ସଂଘର୍ଷ କରୁଥିଲେ। ୫୭ ବର୍ଷରେ ତାଙ୍କ ମୃତ୍ୟୁ ହୋଇଥିଲା। ବୁଢା ହୋଗା ତେରା ବାପ୍, ଅଲ୍ ଦ ବେଷ୍ଟ, ପାର୍ଟନର, ଗୋଲମାଲ୍ ଭଳି ହିନ୍ଦୀ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା।

ପଙ୍କଜ ଉଦାସ:

ନିଜ ଗଜଲ ସହିତ ଲୋକଙ୍କୁ ଆକର୍ଷିତ କରିଥିବା ପଙ୍କଜ ଉଦାସ ମଧ୍ୟ ଚଳିତ ବର୍ଷ ୨୬ ଫେବୃଆରୀରେ ଏ ଦୁନିଆ ଛାଡିଥିଲେ। ତାଙ୍କର ୭୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ସେ ବୟସ ସମ୍ବନ୍ଧୀୟ ରୋଗରେ ପୀଡିତ ଥିଲେ। ଡାକ୍ତରଖାନାରେ ଭର୍ତ୍ତି ହେବାର ୧୦ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ପ୍ରସିଦ୍ଧ ଗୀତଗୁଡ଼ିକ ମଧ୍ୟରେ 'ଜିଏ ତୁ ଜିଏ କୈସେ ବିନ୍ ଆପକେ...', 'ଚିଠି ଆଇ ହେ...', 'ଚାନ୍ଦି ଜୈସା ରଙ୍ଗ ହେ ତେରା, ସୋନେ ଜୈସେ ବାଲ୍...', 'ନା କଜ୍‌ରେ କି ଧାର, ନା ମୋତିୟୋ କେ ହାର' ରହିଛି।

ରୁତୁରାଜ ସିଂହ:

ଜଣାଶୁଣା ଟିଭି ଅଭିନେତା ତଥା ଅନୁପମା ଫେମ୍ ରୁତୁରାଜ ସିଂହ ମଧ୍ୟ ୫୯ ବର୍ଷ ବୟସରେ ହୃଦ୍;ଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ପ୍ରଶଂସକମାନେ ବହୁତ ଆଶ୍ଚର୍ଯ୍ୟ ହୋଇଥିଲେ। ତାଙ୍କୁ ମୁଖ୍ୟତଃ ସିରିଏଲ୍‌ରେ ନକାରାତ୍ମକ ଭୂମିକାରେ ଦେଖିବାକୁ ମିଳୁଥିଲା। ଟିଭି ସିରିଏଲ ବ୍ୟତୀତ ସେ ଚଳଚ୍ଚିତ୍ର ଏବଂ ୱେବ୍ ସିରିଜରେ ମଧ୍ୟ କାମ କରିଛନ୍ତି ଏବଂ ତାଙ୍କ ଅଭିନୟରେ ସେ ଦର୍ଶକଙ୍କ ଉପରେ ଗଭୀର ପ୍ରଭାବ ପକାଇଛନ୍ତି।



ଶାରଦା ସିହ୍ନା:

ଦୀର୍ଘ ଦିନ ଧରି କର୍କଟ ରୋଗରେ ସଂଘର୍ଷ କରି ବିହାରର କୋକିଳ ଶାରଦା ସିହ୍ନାଙ୍କର ଦେହାନ୍ତ ହୋଇଥିଲା। ନଭେମ୍ବର ୦୫ରେ ଦିଲ୍ଲୀର ଇଓଓଗଝ ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ତାଙ୍କର ସମଗ୍ର ଜୀବନକୁ ଲୋକ ସଂଗୀତକୁ ଉତ୍ସର୍ଗ କରିଥିଲେ। ତାଙ୍କ ଦ୍ୱାରା ବୋଲାଯାଇଥିବା ଛଟ୍ ଗୀତ ଖୁବ୍ ଲୋକପ୍ରିୟ। ଏଭଳି ପରିସ୍ଥିତିରେ, ସେ ଏ ଦୁନିଆରୁ ବିଦାୟ ନେବା ଲୋକ ସଂଗୀତ ଜଗତ ପାଇଁ ଏକ ବଡ଼ କ୍ଷତି ଥିଲା।

ଦିଲ୍ଲୀ ଗଣେଶ:

ଅଭିନେତା ଦିଲ୍ଲୀ ଗଣେଶ ମଧ୍ୟ ନଭେମ୍ବର ମାସରେ ଦେହାନ୍ତ କରିଛନ୍ତି। ସେ ତାମିଲ ସିନେମାରେ ଏକ ଜଣାଶୁଣା ନାଁ। ସେ ଥିଏଟରରେ ମଧ୍ୟ ବହୁତ ସକ୍ରିୟ ଥିଲେ। ଦିଲ୍ଲୀ ଗଣେଶ ତାଙ୍କର ଷ୍ଟେଜ୍ ନେମ୍ ହୋଇଥିବା ବେଳେ ତାଙ୍କର ପ୍ରକୃତ ନାଁ ହେଉଛି ଗଣେଶ ମହାଦେବନ୍। ସେ ପ୍ରାୟ ୪୦୦ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

ଉସ୍ତାଦ୍ ଜାକିର ହୁସେନ୍:

ଏହି ତାଲିକାରେ ଦେଶର ପ୍ରସିଦ୍ଧ ତବଲା ବାଦକ ଉସ୍ତାଦ୍ ଜାକିର ହୁସେନ୍‌ଙ୍କ ନାଁ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ସୋମବାର ସକାଳେ ୭୩ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ହୃଦ୍‌ରୋଗ ପରେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ସହରର ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ପ୍ରଶଂସକମାନେ ଚକିତ ହୋଇଯାଇଥିଲେ।



୨୦ବର୍ଷ ବୟସରେ କରିଥିଲେ ଡେବ୍ୟୁ, ଏବେ ୭୦ବର୍ଷୀୟ ଅଭିନେତାଙ୍କ ପ୍ରେମରେ ଶିବାଙ୍ଗୀ

ଫିଲ୍ମ ଜଗତରେ ପ୍ରେମ ସମ୍ପର୍କ ଆରମ୍ଭ ହେବା ଓ ଭାଙ୍ଗିବା ଅତି ସାଧାରଣ । ଏଭଳି ଅନେକ ସେଲିବ୍ରିଟ୍ ଅଛନ୍ତି ଯେଉଁମାନେ ବୟସ ନଦେଖି ପ୍ରେମରେ ପଡିଛନ୍ତି ଓ ବିବାହ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି, କବୀର ବେଦୀ-ପରବୀନ ଦୋସାଞ୍ଜ, ମିଲିନ୍ଦ ସୋମନ-୨୬ବର୍ଷ ସାନ ଅଙ୍କିତା କନୱର, କରୀନା କପୁର-ସୈଫ ଅଲି ଖାନ ଇତ୍ୟାଦି। ଏମାନଙ୍କ ପରେ ଏବେ ୩୦ବର୍ଷୀୟ ଟେଲି ଅଭିନେତ୍ରୀ ଶିବାଙ୍ଗୀ ବର୍ମା ଓ ୭୦ବର୍ଷୀୟ ବଲିଉଡ ଅଭିନେତା ଗୋବିନ୍ଦ ନାମଦେବଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ସମ୍ପର୍କ ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହ କିଛି ଲୋକ ଏହି ଖବରକୁ ବିଶ୍ୱାସ କରିପାରୁନାହାନ୍ତି। ଶିବାଙ୍ଗୀ, ଗୋବିନ୍ଦଙ୍କ ସହ ଫଟୋ ସେୟାର କରି ସ୍ପଷ୍ଟ ଭାବରେ ଲେଖିଛନ୍ତି - 'ପ୍ରେମର ବୟସ ନାହିଁ କି କିଛି ସୀମା ନାହିଁ।' ତାଙ୍କର ଏହି ପୋଷ୍ଟ ପରେ ଦୁହିଁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିନେତ୍ରୀ ଶିବାଙ୍ଗୀ ବର୍ମା, ଗୋବିନ୍ଦ ନାମଦେବଙ୍କ ସହ ତାଙ୍କ ଫଟୋ ସେୟାର କରିବା ପରେ ଲୋକେ ତାଙ୍କୁ ପ୍ରେମିକ-ପ୍ରେମିକା ବୋଲି ଭାବିବା ଆରମ୍ଭ କରିଛନ୍ତି। କିଛି ଲୋକ ଅଭିନେତ୍ରୀଙ୍କୁ ଟ୍ରୋଲ କରୁଛନ୍ତି। ଚର୍ଚ୍ଚାରେ ରହିବା ପାଇଁ ଶିବାଙ୍ଗୀ ଏଭଳି କରିଥିବା ଲୋକେ କହିବା ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ଗୋବିନ୍ଦ ନାମଦେବଙ୍କ ସହ ତାଙ୍କର ଏକ ଫିଲ୍ମ ଆସୁଛି। କମେଡି ଫିଲ୍ମରେ ଉଭୟ ପରସ୍ପର ବିପକ୍ଷରେ ନଜର ଆସିବେ। ଏହି ଫିଲ୍ମର ପ୍ରଚାର ପାଇଁ ଶିବାଙ୍ଗୀ ଜାଣିଶୁଣି ଏଭଳି ଫଟୋ ପୋଷ୍ଟ କରିଥିବା ନେଇ ଚର୍ଚ୍ଚା ହେଉଛି। ତେବେ ୩୦ ବର୍ଷ ବୟସ୍କା ଅଭିନେତ୍ରୀ ୨୪ଅଗଷ୍ଟ ୧୯୯୪ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ସେ ନୂଆଦିଲ୍ଲୀ ରିଆନ୍ ଇଣ୍ଟରନ୍ୟାସନାଲ ସ୍କୁଲରୁ ପାଠପଢ଼ା ଶେଷ କରି ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିଲେ। ଏହା ପରେ ଶିବାଙ୍ଗୀ ୨୦୧୩ରେ 'ନଚ ବଲିଏ ସିଜିନ ୬' ରେ ଟିଭିରେ ଡେବ୍ୟୁ କରିଥିଲେ। ଡେବ୍ୟୁ ପରେ ତାଙ୍କୁ 'ହମାରି ସିଷ୍ଟର ଦିଦି', 'ହର ମୁଶକିଲ କା ହଲ ଅକବର ବିରବଲ', 'ରିପୋର୍ଟର୍ସ', 'ଟିଭି, ବିବି ଔର ମେଁ' ଏବଂ 'ଛୋଟି ସରଦାରନୀ' ଭଳି ଧାରାବାହିକରେ ଦେଖିବାକୁ ମିଳିଥିଲା।

କଳା ସଂସ୍କୃତି ଓ ସାହିତ୍ୟକୁ ମୁଁ ଭଲ ପାଏ: ବିଷ୍ଣୁ ମୋହନ ସ୍ୱାଇଁ

ଓଡ଼ିଶାର କଳା ସଂସ୍କୃତି ଓ ସାହିତ୍ୟକୁ ଭଲ ପାଉଥିବା ଜଣେ ପ୍ରିୟ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରଫେସର ବିଷ୍ଣୁ ମୋହନ ସ୍ୱାଇଁ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ମାନଗଡ ଲକ୍ଷ୍ମୀଦାସପୁର ରେ ଶ୍ରୀ ସ୍ୱାଇଁ ୧୯୬୫ ମସିହାରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ସ୍ୱର୍ଗତ ପଦ୍ମ ଲୋଚନ ସ୍ୱାଇଁ ଓ ମାତା ସ୍ୱର୍ଗତା ତୁଳସୀ ସ୍ୱାଇଁ । ପତ୍ନୀ ସ୍ୱର୍ଗତା ଅନସୂୟା ସ୍ୱାଇଁ । ଦୁଇ ପୁତ୍ର ଦେବାଶିଷ ଓ ଶୁଭାଶିଷ । ପ୍ରଥମେ ପ୍ରଫେସର ସ୍ୱାଇଁ କଳାହାଣ୍ଡି ରେ ଚାକିରି ଜୀବନ ଆରମ୍ଭ କରିଥିଲେ । ତାପରେ ଚାନ୍ଦବାଲି କଲେଜ ରେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇଲେ । ବର୍ତ୍ତମାନ ଶ୍ରୀ ସ୍ୱାଇଁ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି । ଶ୍ରୀ ସ୍ୱାଇଁ ଅର୍ଥନୀତି ବିଭାଗର ପ୍ରଫେସର ଓ ଅର୍ଥନୀତି ବିଭାଗର ପିଲା ମାନଙ୍କୁ ପାଠ ପଢ଼ାନ୍ତି । ପିଲାଦିନେ ଅନେକ ସୁନ୍ଦର ନାଟକରେ ଶ୍ରୀ ସ୍ୱାଇଁ ଅଭିନୟ କରିଥିଲେ । ସେ ବହୁତ ଭଲ କ୍ରିକେଟ ଖେଳ ଖେଳନ୍ତି । ପ୍ରଫେସର ବିଷ୍ଣୁ ମୋହନ ସ୍ୱାଇଁଙ୍କର ଆଦର୍ଶ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ, ଗୌତମ ବୁଦ୍ଧ, ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସ । ତାଙ୍କର ପ୍ରିୟ ଲେଖକ ଓ ସାହିତ୍ୟିକ ହେଉଛନ୍ତି ବ୍ୟାସଦେବ, କଥା ସମ୍ରାଟ୍ ଫକୀର ମୋହନ ସେନାପତି, କେ ଏମ୍ ମୁନସୀ, ଓ ମନୋଜ ଦାସ । ସାହିତ୍ୟ, ଶିକ୍ଷା,କଳା ସଂସ୍କୃତି, ନାଟକ, ଓ ଓଡ଼ିଶୀ ନୃତ୍ୟକୁ ଶ୍ରୀ ସ୍ୱାଇଁ ଖୁବ୍ ଭଲ ପାଆନ୍ତି । ବର୍ତ୍ତମାନର ଯୁବ ପୀଢ଼ି ମାନଙ୍କୁ ଆପଣ କଣ ବାର୍ତ୍ତା ଦେବେ ଏ ପ୍ରଶ୍ନର ଉତ୍ତରରେ ସେ କୁହନ୍ତି ନୈତିକତା ଓ ମାନବିକତାକୁ ଯୁବ ପୀଢ଼ି ଅଧିକ ଗୁରୁତ୍ୱ ଦେବା ଉଚିତ୍ । ସମସ୍ତେ ମନ ସ୍ଥିର ରଖନ୍ତୁ, ଧୈର୍ଯ୍ୟ ଧରନ୍ତୁ ଓ ଆଧାତ୍ମିକ ଚିନ୍ତାଧାରାରେ ଆଗେଇ ଚାଲନ୍ତୁ । ବର୍ତ୍ତମାନର ଶିକ୍ଷା ସଂମ୍ପର୍କରେ ପ୍ରଫେସର ସ୍ୱାଇଁ କୁହନ୍ତି ଜାତୀୟ ଶିକ୍ଷା ନୀତି ଓ ରାଜ୍ୟ ଶିକ୍ଷା ନୀତି ନିୟମକୁ ସମ୍ମାନ ଦେଇ ଆମକୁ ଚାଲିବାକୁ ପଡିବ । ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ଉନ୍ନତି କରୁଛନ୍ତି ଓ ଭଲ ପାଠ ପଢି ଚାକିରି ପାଉଛନ୍ତି । ଶ୍ରୀ ସ୍ୱାଇଁଙ୍କ ଭବିଷ୍ୟତ ଲକ୍ଷ୍ୟ ଓଡ଼ିଶା ଓ ଭାରତ ବର୍ଷର ସବୁ ସ୍ଥାନ ଭ୍ରମଣ କରି ଅଭିଜ୍ଞତା ହାସଲ କରିବି ଓ ଜୀବନ କାହାଣୀ ଲେଖିବି । ଈଶ୍ୱରଙ୍କ କୃପାରୁ ପ୍ରଫେସର ସ୍ୱାଇଁଙ୍କ ସ୍ୱପ୍ନ ପୂରଣ ହେଉ ଓ ଭବିଷ୍ୟତ ର ଚଲାପଥ କୁସୁମିତ ହେଉ । ଆମର ଏତିକି କାମନା।

ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

ବିବାହ ନକରିବା ପଛର କାରଣ ଜଣାଇଲେ ମୁକେଶ, ଜାଣନ୍ତୁ କାହାକୁ ଦେଲେ ଦୋଷ

ଜଣାଶୁଣା ଅଭିନେତା ତଥା ଘରେ ଘରେ ଶକ୍ତିମାନ ଭାବେ ପରିଚିତ ମୁକେଶ ଖାନ୍ନା ଏଯାଏ ବିବାହ କରିନାହାନ୍ତି। 'ଶକ୍ତିମାନ' ଏବଂ 'ମହାଭାରତ' ଭଳି ଧାରାବାହିକରେ ନିଜ ଚରିତ୍ର ପାଇଁ ଦର୍ଶକଙ୍କ ମନ କିଣିଥିବା ମୁକେଶ ଏବେ ନିଜର ବୟାନ ପାଇଁ ବିବାଦରେ ରହିଛନ୍ତି। ମୁଁ ସବୁବେଳେ ବିଶ୍ୱାସ କରେ ଯେ ଦୁଇ ଆତ୍ମା ବିବାହରେ ଗୋଟିଏ ହୁଅନ୍ତି। କିନ୍ତୁ ଆଜିକାଲି, ଆମେ ବିବାହକୁ ଦୁଇଟି କମ୍ପେଇଙ୍କ ଖେଳ ବୋଲି ଭାବୁଛେ। ନା...ସାର। ଆମେ ମାନେ କେବଳ ଏକ ଆତ୍ମା, ଯିଏ ନିଜର ଚରିତ୍ର ନିଭାଇବାକୁ ଏ ଧରାପୃଷ୍ଠକୁ ଆସିଛନ୍ତି। ଭଗବାନ ଆମ ଭାଗ୍ୟରେ ଯାହା ଲେଖିଛନ୍ତି, ତାହା ହିଁ ହେବ। ଫିଲ୍ମ ବା କଳାକାରଙ୍କୁ ନେଇ ନିଜର ମତ ଦେଇ ବିବାଦୀୟ ହୋଇପଡ଼ିଥିବା ମୁକେଶ ଏବେ ବିବାହ ନକରିବା ପଛର କାରଣ ଜଣାଇଛନ୍ତି। ବିବାହ ନକରିବା ପଛର କାରଣ ପଚରାଯିବା ପରେ ସେ କହିଥିଲେ, "ବିବାହ ଏକ ଅନୁଷ୍ଠାନ - ଏକ ପବିତ୍ର ବନ୍ଧନ। ମୁଁ ସବୁବେଳେ ବିଶ୍ୱାସ କରେ ଯେ ଦୁଇ ଆତ୍ମା ବିବାହରେ ଗୋଟିଏ ହୁଅନ୍ତି। କିନ୍ତୁ ଆଜିକାଲି, ଆମେ ବିବାହକୁ ଦୁଇଟି କମ୍ପେଇଙ୍କ ଖେଳ ବୋଲି ଭାବୁଛେ। ନା...ସାର। ଆମେ ମାନେ କେବଳ ଏକ ଆତ୍ମା, ଯିଏ ନିଜର ଚରିତ୍ର ନିଭାଇବାକୁ ଏ ଧରାପୃଷ୍ଠକୁ ଆସିଛନ୍ତି। ଭଗବାନ ଆମ ଭାଗ୍ୟରେ ଯାହା ଲେଖିଛନ୍ତି, ତାହା ହିଁ ହେବ। ଆମେ ତାହା ହିଁ କରିବା। ବିବାହ ମଧ୍ୟ ଭାଗ୍ୟରେ ଲେଖାଥିବା ଦରକାର। ମୁଁ ବିବାହ କରିନାହିଁ। ଏହାର କାରଣ ନୁହେଁ ଯେ, ମୋତେ ବିବାହ କରିବାର ଇଚ୍ଛା ନଥିଲା। ଏହାର କାରଣ ହେଉଛି ବିବାହ ମୋ ଭାଗ୍ୟରେ ନଥିଲା।'

୬୮ ତମ ଜାତୀୟ ବିଚ ଭଲିବଲ ଚମ୍ପିୟାନସିପ ଉଦ୍‌ଘାଟିତ

ପୁରୀ , ୧୯/୧୨ (ନି.ପ୍ର): ପୁରୀ ନୀଳାଦ୍ରି ବିଚ ଠାରେ ଓଡିଶା ରାଜ୍ୟ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୪ ଦିନିଆ ୬୮ ତମ ବିଚ ଭଲିବଲ ଚମ୍ପିୟାନସିପ ଉଭୟ ବାଳକ ଓ ବାଳିକା ବର୍ଗ ଉଦଘାଟିତ ହୋଇ ଯାଇଛି ।ଏହାକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓ ଉଦଘାଟନ କରି ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି କୌଣସି ଜାତୀୟ ଚମ୍ପିୟାନ ସିପରେ ଅଂଶଗ୍ରହଣ କରିବା ଏକ ବଡ ଉପଲବ୍ଧି ବୋଲି କହିଥିଲେ ।ପ୍ରତ୍ୟେକ ପିଲା ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭା ର ଉନ୍ମେଷ ଆମ ସମସ୍ତ ଙ୍କ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ ।କ୍ରୀଡା ଶରୀର କୁ ସୁସ୍ଥ ରଖିବା ସହ ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦିଏ ଏହା ହିଁ କ୍ରୀଡ଼ାର ମହନୀୟତା ବୋଲି କହିବା ସହ ଶ୍ରୀ ମହାନ୍ତି ସମସ୍ତ ଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କ୍ରୀଡା ଅନେକ କିଛି ଶିକ୍ଷା ଦିଏ ।ପ୍ରତ୍ୟେକ ପ୍ରତିଯୋଗୀ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ ଜାତୀୟ ଭଲିବଲ ଚମ୍ପିୟାନସିପ କାର୍ଯ୍ୟକ୍ରମର ଆୟୋଜନ ସମ୍ପର୍କରେ ଆଲୋକପାତ କରିବା ସହ ଏହି କ୍ରୀଡା ପିଲା ମାନଙ୍କୁ ସେମାନଙ୍କ ଜୀବନ ଶୈଳୀରେ ଅନେକ ସହଯୋଗ ଦେଇ ପାରିବେ ବୋଲି କହିଥିଲେ ।ରାଜ୍ୟ ମାଧମିକ ଶିକ୍ଷା ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିବା ସହ ଜାତୀୟ କ୍ରୀଡା ରାଜ୍ୟ ତରଫରୁ ପୁରୀ ରେ ଆୟୋଜନ ହେବା ଅତି ଆନନ୍ଦର କଥା ।ପ୍ରତିଯୋଗୀ ମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବା ସହ ମହାପ୍ରଭୁଙ୍କ ଦର୍ଶନ କରି ଏକ ଚମତ୍କାର ଅନୁଭବ ନେଇ ଫେରିବେ ବୋଲି ଆଶା କରିଥିଲେ ।ପ୍ରାରମ୍ଭରେ ରାଜ୍ୟ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ତଥା ସଂଘର ସମ୍ପାଦକ ସପନ କୁମାର ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜାତୀୟ ଅବଜରଭର ଅଯୋଧ୍ୟାର ରାକେଶ ସିଂ, ଫିଲ୍ଡ ଅବଜରଭର ସଞ୍ଜୟ କୁମାର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ,ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟାତିର୍ମୟୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସଭା ପୂର୍ବରୁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ପୁଷ୍ପ ମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ପତାକା ଉତ୍ତୋଳନ କରିଥିଲେ ।୧୧ ଗୋଟି ରାଜ୍ୟ ରୁ ଆସିଥିବା ପ୍ରତିଯୋଗୀ ମାନେ ମାର୍ଚ୍ଚ ପାଷ୍ଟ କରିଥିଲେ ।ପୁରୀ ସରସ୍ୱତୀ ଶିଶୁ ମନ୍ଦିର ର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ କୈଳାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ପ୍ରଧାନ , ମହେନ୍ଦ୍ର କୁମାର ବିଶ୍ୱାଳ, ଭାଗିରଥୀ ମଲ୍ଲିକ, ପ୍ରଭାତ କୁମାର ମିଶ୍ର, ନୀଳମାଧବ ନନ୍ଦ ଓ ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀ ମାନେ ସହଯୋଗ କରିଥିଲେ ।

ବିଏମ୍‌ସି ଉଚ୍ଛେଦକାରୀ ଦଳକୁ ଉଠା ଦୋକାନୀଙ୍କ ସବୁ ଜାଗାରେ ତୀବ୍ର ବିରୋଧ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଓଡ଼ିଶାରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରରେ ପାଖାପାଖି ୬୦ଟି ଅଂଚଳରୁ ୮ ହଜାରରୁ ଅଧିକ ଉଠାଦୋକାନୀମାନେ ବଳି ପଡ଼ିବାକୁ ଯାଉଛନ୍ତି । ଯାହା ଫଳରେ ବିଏମ୍‌ସି, ବିଡ଼ିଏର ମିଳିତ ସ୍କ୍ୱାର୍ଡ଼ମାନେ ବୁଧବାର ୭ଟି ଅଂଚଳରେ ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ କରିବାକୁ ଯାଇଥିବା ବେଳେ, ସବୁ ଜାଗାରେ ଉଚ୍ଛେଦକାରୀ ଦଳକୁ ତୀବ୍ର ବିରୋଧ କରାଯାଇଥିଲା ।

ଏଠାରେ ସୂଚନାଥାଉକି, ଗତକାଲି ଭୁବନେଶ୍ୱରର ଦୁଇ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କୁ ଭେଟି ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନ କରିବା ପାଇଁ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପାଟିଲ ବିଧାୟକମାନଙ୍କୁ ସମ୍ମାନ ଜଣାଇ ଉଠାଦୋକାନୀ ଉଚ୍ଛେଦ କରାଯିବ ନାହିଁ ଓ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବିଏମ୍‌ସିର ତିନି ଜୋନ୍‌ର ଯୁଗ୍ମ ଉପସଚିବମାନେ କମିଶନରଙ୍କ କଥାକୁ ଭ୍ରୁକ୍ଷେପ ନକରି ବୁଧବାର ମଧ୍ୟମ ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ ଛକରେ ଥିବା ଉଠାଦୋକାନୀକୁ ଉଚ୍ଛେଦ କରିବାକୁ ଆସିଥିବା ବେଳେ ସେଠାରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପହଂଚି ଉଚ୍ଛେଦକାରୀ ଦଳଙ୍କ ସହ ଆଲୋଚନା କରିଥିଲେ ଏବଂ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ଉପସଭାପତି ସୂର୍ଯ୍ୟମଣି ସାହୁ ପହଂଚିବା ପରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରି ଯାଇଥିଲେ ।

ସେହିପରି ଉ ର ଜୋନ୍‌ର ଯୁଗ୍ମ ଉପସଚିବ ବାଣୀବିହାର, ଡମଣାରୁ କିଟ୍ ଛକ ପର୍ଯ୍ୟନ୍ତ ଥିବା ଉଠାଦୋକାନୀ ମାନଙ୍କୁ ଉଚ୍ଛେଦ କରିବା ପାଇଁ ଯାଇଥିବା ବେଳେ ସେଠାରେ ମଧ୍ୟ ହଜାର ହଜାର ଦୋକାନୀ ତୀବ୍ର ବିରୋଧ କରିଥିଲେ । ଉତର ବିଧାୟକ ସୁଶାନ୍ତ ରାଉତ ଘଟଣାସ୍ଥଳରେ ପହ ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇ ପାରିବ ନାହିଁ, ବିଏମ୍‌ସି କମିଶନର ଗତକାଲି ଆମ୍ଭ ମାନଙ୍କ ସହ ଆଲୋଚନା କରି ଉଚ୍ଛେଦ ନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି କାହିଁକି ଆସି ଦୋକାନୀମାନଙ୍କୁ ହଇରାଣ ହରକତ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଅପରପକ୍ଷରେ କୋଇଲି କ୍ୟାମ୍ପସ ଛକଠାରେ ମହାସଂଘର କୋଷାଧ୍ୟକ୍ଷ ପ୍ରଦୀପ ସାହୁ, ଲଲାଟ କୁମାର ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ବିଜୟ ସେନାପତି, ମଙ୍ଗୁଳି ସାହୁ, ସୁମନ ପୃଷ୍ଟିଙ୍କ ନେତୃତ୍ୱରେ ବିଏମ୍‌ସିର ଉଚ୍ଛେଦକାରୀ ଦଳଙ୍କୁ ତୀବ୍ର ବିରୋଧ କରିବା ସହ ଉଠାଦୋକାନୀକୁ ସମ୍ମାନ ଦେବା ପାଇଁ ଦାବି କରିଥିଲେ । କିନ୍ତୁ ବଡ଼ ଦୁଃଖର ବିଷୟ ତିନି ଜୋନର ଜେଡ଼ିସିମାନେ କାହିଁକି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଏତେ ତତ୍ପର ହୋଇ ଉଠୁଛନ୍ତି ତାହା ଜଣାପଡୁ ନାହିଁ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି । ଶ୍ରୀଯୁକ୍ତ ସାହୁ କହିଛନ୍ତି ଯେ, କମିଶନର ଏବଂ ଜେଡ଼ିସିମାନଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଗରିବ ଉଠାଦୋକାନୀମାନେ ବଳିପଡ଼ିବା ସହ ସୌନ୍ଦର୍ଯ୍ୟକରଣ ପାଇଁ ଆସିଥିବା କୋଟି କୋଟି ଟଙ୍କାରୁ ପି.ସି ନେବାପାଇଁ ଏମାନେ ଉଚ୍ଛେଦ କରୁନାହାଁନ୍ତି ତ ? ଏତଦ୍‌ବ୍ୟତୀତ ମହାସଂଘ ବିଏମ୍‌ସି ବିରୁଦ୍ଧରେ ୧୧ଟି ସ୍କ୍ୱାର୍ଡ଼ ଗଠନ କରିଛି । ଏହି ସ୍କ୍ୱାର୍ଡ଼ ଉଚ୍ଛେଦକାରୀ ଦଳକୁ ବିଭିନ୍ନ ସ୍ଥାନରେ ବିରୋଧୀ କରିବ ।

ଜେଜେ ବାପା ଜେଜେମା ସମ୍ମିଳନୀ

ଜୟପୁର, ୧୯/୧୨ (ନି.ପ୍ର): ବୁଧବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ଠାରେ ଜେଜେବାପା ଜେଜେମା ସମ୍ମିଳନୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁମୁଦିନୀ ମହାରଣା ଦ୍ୱୀପ ପ୍ରଜ୍ୱଳନ କରିଥିଲେ । କାର୍ଯ୍ୟକ୍ରମର ଆକର୍ଷଣ ନିମନ୍ତେ ଶିଶୁ ଭଉଣୀ ମାନେ ଏକ ନୃତ୍ୟ ପରିବେଷଣ କରିଥିଲେ । କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ମିହିର କୁମାର ମିଶ୍ର କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମାନନୀୟ ଡକ୍ଟର ରମଣୀ ରଞ୍ଜନ ଦାସଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜେଜେବାପା ଜେଜେମା ଶିଶୁ ବିଦ୍ୟାମନ୍ଦିର ବିଷୟରେ ନିଜର ଅନୁଭୂତି କହିଥିଲେ । ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମଟି ସାଙ୍ଗ ହୋଇଥିଲା । ସେହିପରି ବୁଧବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ଠାରେ ୮ମ ଓ ୯ମ ଶ୍ରେଣୀର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଶିକ୍ଷାବର୍ଷ ର ଶୈକ୍ଷିକ ଉତମ ଫଳାଫଳ ନିମନ୍ତେ ପ୍ରୟାସ ଏବଂ ଆଲୋଚନା କରାଯାଇଥିଲା । କୋଷାଧ୍ୟକ୍ଷ ମିହିର କୁମାର ମିଶ୍ର ଓ ପ୍ରଧାନ ଆଚାର୍ଯ୍ୟ ଡକ୍ଟର ରମଣୀ ରଞ୍ଜନ ଦାସ ବୈଠକ ରହି ବୈଠକ ଟିକୁ ଆଗେଇ ନେଇଥିଲେ ।

ଶୁଳିଆ ମହୋତ୍ସବକୁ ଅଣଆଦିବାସୀମାନେ ଷଡଯନ୍ତ୍ର କରି ହାତେଇ ନେବାକୁ ଚେଷ୍ଟାର ବିରୋଧ

ବଲାଙ୍ଗିର, ୧୯/୧୨ (ନି.ପ୍ର): ଆଦିବାସୀମାନଙ୍କର ପୂଜ୍ୟ ଶୁଳିଆ ମହୋତ୍ସବ କୁ ଅଣଆଦିବାସୀ ମାନେ ଷଡଯନ୍ତ୍ର କରି ହାତେଇନେବାକୁ ଚେଷ୍ଟା କରୁଛନ୍ତି । ଆଦିବାସୀ କନ୍ଧ, ସଂସ୍କୃତି ପରଂପରା ଶୁଳିଆ ପରମ୍ପରା କୁ ବିରୋଧ ବିଲୋପ କରିବାରେ ଗୋଟିଏ ଚକ୍ରାନ୍ତ କରାଯାଉଛି । ଶୁଳିଆ ଯାତ୍ରା ଓ ମହୋତ୍ସବ ଏକ ସ୍ଥାୟୀ କମିଟି ଥାଉ ଥାଉ ତାଙ୍କ ବିନା ଉପସ୍ଥିତିରେ ଗତ କାଲି ଶୁଳିଆ ମହୋତ୍ସବର ଖଳା ଠାରେ ଲକ୍ଷ୍ମଣ ମେହେର, ସତ୍ୟନାରାୟଣ ଭୋଇ, ମୁଖ୍ୟ ଭାବରେ ରହି ଶୁଳିଆ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କମିଟିର ଉପସଭାପତି ଦୁଷ୍ମନ୍ତ ସାହୁ ଓ ବଡ ଖଲାର ଜୟ ରଣାଙ୍କୁ ପଦବୀ ଦିଆଯାଇଛି । କମିଟିରେ ପ୍ରମୋଦ ବହିଦାର, ଶୈଳେନ୍ଦ୍ର ସାହୁ, ସୋମନାଥ ଦେହୁରି, ବେଣୁଧର ସିଂ ରହିଥିବା ବିଷୟ ରେ ଆଜି ସମ୍ବାଦରେ ପ୍ରକାଶିତ ହୋଇଛି । ଏହି କମିଟି ବେଆଇନ ଭାବରେ ଗଠନ କରାଯାଇଛି । ଆବଦ୍ରମାନ କାଳରୁ କନ୍ଧମାନେ ହିଁ ଏହି ଶୁଳିଆ ଯାତ୍ରାର ଆୟୋଜନ କରି ଆସିଛନ୍ତି । ଗତ ୫ ବର୍ଷ ହେଲା ମହୋତ୍ସବ ଅତି ସମାରୋହ ସହିତ ପାଳନ କରାଯାଉଛି । ଗତ କାଲି କଳାରେ ଆୟୋଜିତ ହୋଇଥିବା ବୈଠକ ନିଜର ସ୍ୱାର୍ଥ ରଖି ଅଣ ଆଦିବାସୀମାନେ କମିଟି ଗଠନ କରିଛନ୍ତି । ଶୁଳିଆ ମହୋତ୍ସବ ର ସଭାପତି ବାବରେ ମଧ୍ୟ ପ୍ରଧାନି ଆଦିବାସୀମାନଙ୍କ ସହଯୋଗ ରେ ଏହି ମହୋତ୍ସବ ପାଳିତ ହୋଇ ଆସୁଛି । କିନ୍ତୁ ଶୁଳିଆ ମହୋତ୍ସବର ପୂଜକ ସୋମନାଥ ଦେହୁରୀ ମନ୍ତବ୍ୟ ଦେଇଛନ୍ତି ଏଭଳି କୌଣସି କମିଟି ଗଠନ କରାଯାଇ ନାହିଁ । ସେମାନେ ଲକ୍ଷ୍ମଣ ମେହେର ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ସତ୍ୟନାରାୟଣ ଭୋଇ ଶୁଳିଆ ମହୋତ୍ସବ କୁ ନିଜର ମନ ଇଚ୍ଛାରେ ଚଳାଇବାକୁ ଚେଷ୍ଟା କରୁଛନ୍ତି ଏବଂ ସେମାନଙ୍କ କମିଟି କୁ ମଧ୍ୟ ପ୍ରଧାନି ତଥା ପୂର୍ବ ଆଦିବାସୀ କମିଟି ସଂପୂର୍ଣ୍ଣ ବିରୋଧ କରୁଛନ୍ତି । ଆସନ୍ତା ୧୯.୧୨.୨୦୨୪ ପୂର୍ବାହ୍ନ ୧୨ ଟାରେ ମଧ୍ୟ ପ୍ରଧାନିଙ୍କ ଅଧ୍ୟକ୍ଷତାରେ ଶୁଳିଆ ମହୋତ୍ସବ କିପରି ସୂଚାରୁ ରୂପେ ସଂପାଦନ ହୋଇ ପାରିବ ସେ ବାବଦରେ ଆଲୋଚନା କରାଯିବା ସମସ୍ତ ଆଦିବାସୀ ଭାଇ ଭଉଣୀଙ୍କ ଏହି ମହୋତ୍ସବର ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ମଧ୍ୟ ପ୍ରଧାନି ଆମନ୍ତ୍ରଣ କରିଛନ୍ତି ।

ଦିଲ୍ଲୀଠାରେ ଚାଲିଥିବା ପେନସନର ଧାରଣାରେ କୋରାପୁଟର ଦୁଇ ପ୍ରତିନିଧି

ଜୟପୁର, ୧୯/୧୨ (ନି.ପ୍ର): ସର୍ବନିମ୍ନ ପେନସନ ୯ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା ଓ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଲାଗୁ କରିବା ପାଇଁ ଦୀଲ୍ଲିର ଯନ୍ତର ମନ୍ତର ପଡିଆରେ ପେନସନର ମାନଙ୍କ ଧାରଣା ଚାଲିଥିବା ବେଳେ ଓଡିଶାର ୧୧ଜଣ ପ୍ରତିନିଧି ସେଥିରେ ଭାଗ ନେଇଛନ୍ତି । ସର୍ବନିମ୍ନ ୧୦୦୦ ଟଙ୍କାରୁ ୯ହଜାର ଟଙ୍କାକୁ ବୃଦ୍ଧି କରିବା, ପେନସନ ସହିତ ମହଙ୍ଗାଭତ୍ତା ପ୍ରଦାନ କରିବା, ଆୟୁସ୍ମାନ ଭାରତ ଯୋଜନାରେ ଇପିଏସ ୯୫ ପେନସନରଙ୍କୁ ସାମିଲ କରିବା, ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ବର୍ଦ୍ଧିତ ପେନସନ ପ୍ରଦାନ କରିବା ନେଇ ଆଜି ସକାଳ ୧୦ଟାରୁ ନୂଆଦିଲ୍ଲୀସ୍ଥିତ ଯନ୍ତର ମନ୍ତର ଠାରେ ଇପିଏସ ୯୫ ପେନସନରସ ତଥା ବରିଷ୍ଠ ନାଗରିକ ମାନେ ଧାରଣାରେ ବସିଛନ୍ତି । ଏଥିରେ ଓଡିଶାରୁ ୧୧ଜଣ ପ୍ରତିନିଧିତ୍ୱ କରିଛନ୍ତି । ସେଥି ମଧ୍ୟରେ କୋରାପୁଟ ଜିଲ୍ଲାର ଦୁର୍ଗା ପ୍ରସାଦ ଦାସ, ପି.ଗୌରୀଶଙ୍କର ରାଓ ଯୋଗ ଦେଇଛନ୍ତି । ରାଜ୍ୟ ସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ନେତୃତ୍ୱରେ ଓଡିଶାରୁ ୧୧ଜଣ ପ୍ରତିନିଧିତ୍ୱ କରିଛନ୍ତି ।

ମଦ୍ୟପ ଡ୍ରାଇଭରର ଉନ୍ମତ କାଣ୍ଡ: ଅଳ୍ପକେ ବଂଚିଲା ଜୀବନ

ଜୟପୁର, ୧୯/୧୨ (ନି.ପ୍ର): ଜୟପୁର ଜିଲ୍ଲା ଚିକିତ୍ସାଳୟ ନିକଟରେ ଥିବା ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି । ଆଜି ଅପରାହ୍ନରେ ନବରଙ୍ଗପୁର ଠାରୁ ଜୟପୁର ଟାଟା ସୋରୁମ ଅଭିମୁଖେ ଆସୁଥିବା ଏକ ନମ୍ବର ବିହିନ ନୂଆ ମିନିଟ୍ରକ ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଗାଡି ଚଳାଇବା ସମୟରେ ପ୍ରଥମେ ରେଲ୍ୱେ ଛକ ନିକଟରେ ଏକ ପୋଲକୁ ଧକ୍କା ଦେଇଥିଲେ । ପରେ ସେ ଆରଏମସି ନିକଟରେ ଥିବା ଜ୍ୟୋତି ମିଲର ଏକ ଟବୋର୍ ମ୍ୟାଜିକ ଗାଡି (ଓଡି ୧୦ଏମ୨୭୭୨) ଗାଡି ସହ ଧକ୍କା ହୋଇଥିଲା । ପରେ ରାସ୍ତା କଡରେ ଠିଆ ହୋଇ କଥା ହେଉଥିବା ଲ କଲେଜ ଅଧ୍ୟାପକ ମନୋଜ ପାତ୍ରଙ୍କ ୟୁନିକନ ବାଇକ (ଓଡି ୧୦ଏନ୍ ୦୨୧୪) କୁ ଧକ୍କା ଦେଇଥିଲା । ଫଳରେ ମନୋଜ ଅଳ୍ପକେ ବର୍ତିଯାଇଥିଲେ । ଯଦି ଗାଡି ଆଗ ଚକ ତଳେ ବାଇକଟି ନ ରହିଥିଲେ ଆଗକୁ ଅନ୍ୟ କେତେ ଜଣକୁ ଦୁର୍ଘଟଣା କରାଇଥାନ୍ତା ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଜୟପୁର ସଦର ପୁଲିସ ପହଁଚି ଡ୍ରାଇଭରକୁ ଜବତ କରିବା ସହ ରାସ୍ତା ରୁ ଗାଡି ଗୁଡିକୁ ହଟାଇଥିଲେ ।

ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୯/୧୨ (ନି.ପ୍ର): ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରଶାସନ ଓ ଏନଡିଆରଏଫ ମୁଣ୍ଡୁଳୀ ୩ ବାଟାଲିୟନ ର ମିଳିତ ସହଯୋଗ ରେ ଆସନ୍ତା କାଲି ହେବାକୁ ଥିବା ମକଡ୍ରିଲ ପାଇଁ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା । ଏହି ମକ ଡ୍ରିଲ ଆସନ୍ତା କାଲି ପୂର୍ବାହ୍ନରେ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପୋଖରୀରେ କରାଯିବ ବୋଲି ସ୍ଥିର ହୋଇଛି । ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ । ବିଶେଷ କରି ଜିଲ୍ଲାରେ ବନ୍ୟା, ବାତ୍ୟା ଚିର ସହଚର । ତେବେ ପାଣିରେ ବୁଡି ଘଟଣା ଅଧିକ ହେଉଥିବାରୁ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏନଡିଆରଏଫ ଟିମକୁ ପରାମର୍ଶ ଦେଇଥିଲେ । ଏହି ମକ ଡ୍ରିଲରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର କାର୍ଯ୍ୟ ପରିଚାଳନା ରେ ସହଯୋଗ କରିବେ ବୋଲି ସ୍ଥିର ହେଲା । ଏନଡିଆରଏଫ ପ୍ରତିନିଧି ଅଭିଷେକ ଶର୍ମା ଓ ସନ୍ଦୀପ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିବେ । ଆଜିର ବୈଠକରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଏଡିଏମଓ ଡା ବିରଜା ଶଙ୍କର ରଥ,ଜରୁରୀ ବିଭାଗର ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ସହକାରୀ ଜିଲ୍ଲାପାଳ ପଂଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଚମ୍ପୁଆ ସେକ୍ସନରେ ୨୭ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି

ଚମ୍ପୁଆ, ୧୮ ଡିସେମ୍ବର (ହି.ସ.)- ଚମ୍ପୁଆ ବନାଂଚଳ ଚମ୍ପୁଆ ସେକ୍ସନରେ ୨୭ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରୀ ରହିଛି । ଚମ୍ପୁଆ ସେକ୍ସନର ମୁକୁନ୍ଦପୁର ଜଙ୍ଗଲରେ ଡେରା ପକାଇ ଥିବା ଏହି ୨୭ ଟିକିଆ ହାତୀ ପଲ ରାତି ହେଲେ ଦୁଇ ଦଳରେ ଭାଗ ହୋଇ ବ୍ୟାପକ ଧାନ ଫସଲ ଓ ପନିପରିବା ଚାଷ ନଷ୍ଟ କରୁଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ଗତ ରାତି ଏହି ହାତୀ ପଲରୁ ୧୭ ଟି ହାତୀ ଗୋପପୁର ଓ ମୁକୁନ୍ଦପୁର ଗ୍ରାମରେ ହୋଇଥିବା ପନିପରିବା ଚାଷକୁ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଥିବା ବେଳେ ୧୦ ଟିକିଆ ହାତୀପଲ ଜାମୁଦଲକ ଓ ମଙ୍ଗଳପୁର ଗ୍ରାମରେ ବ୍ୟାପକ ଫସଲ ନଷ୍ଟ କରିଥିବା ଜଣାପଡିଛି । ମଙ୍ଗଳପୁର ଗ୍ରାମକୁ ଗତ ମଧ୍ୟ ରାତ୍ରିରେ ଏହି ଦଶ ଟିକିଆ ହାତୀ ପଲ ପଶି ଆସିବାରୁ ଗ୍ରାମରେ ଆତଙ୍କ ସୃଷ୍ଟି ହୋଇଥିଲା । ଭୟରେ ଗ୍ରାମବାସୀ ରାତି ସାରା ଉଜାଗର ରହିଥିଲେ । କିଛି ସମୟ ଧରି ବାଡି ବଗିଚାରେ ଉତ୍ପାତ କରିବା ପରେ ହାତୀ ପଲ ଜଙ୍ଗଲ ଭିତରକୁ ପଳାଇଥିଲେ । ବନବିଭାଗ ହାତୀ ପଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି । ହାତୀ ପଲ ଦୁଇ ଦଳରେ ବିଭକ୍ତ ହୋଇ ଉପଦ୍ରବ କରୁଥିବା ବେଳେ ରାତିରେ ପଡୁଥିବା ଘନ କୁହୁଡି ଯୋଗୁଁ ହାତୀପଲଙ୍କ ସ୍ଥାନ ଚିହ୍ନଟ କରି ଘଉଡାଇବା ବିଭାଗ ପାଇଁ କଷ୍ଟସାଧ ହୋଇପଡିଛି । କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ବିଭାଗୀୟ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

ଜାନୁୟାରୀ ୫ ତାରିଖଠାରୁ ୯ତାରିଖ ପର୍ଯ୍ୟନ୍ତ ୧୬ତମ ସର୍ବ ଭାରତୀୟ ମଠଖାଇ ମହୋତ୍ସବ

ବଲାଙ୍ଗିର, ୧୯/୧୨ (ନି.ପ୍ର): ଆଗାମୀ ୨୦୨୫ ମସିହା ଜାନୁୟାରୀ ୫ ତାରିଖଠାରୁ ୯ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର କଳା ସାହିତ୍ୟ ସଂସ୍କୃତିର କେନ୍ଦ୍ର କୋଶଳ କଳା ମଣ୍ଡଳ ପଡିଆ ଠାରେ ୧୬ତମ ସର୍ବ ଭାରତୀୟ ମଠଖାଇ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଆଜି ମହୋତ୍ସବର ପ୍ରଚାର ପ୍ରସାର କମିଟିର ଏକ ବୈଠକ ବସି ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ପ୍ରଚାର ପ୍ରସାର କମିଟିର ମୁଖ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ଏହି ବୈଠକରେ ମହୋତ୍ସବ ର କାର୍ଯ୍ୟକ୍ରମ ଓ ଯୋଗଦେବାକୁ ଥିବା ଅତିଥିଗଣଙ୍କ ବିଷୟରେ ସୂଚନା ଦିଆ ଯାଇଥିଲା । ୫ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ରାଜନେତାଙ୍କ ମଧ୍ୟରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ,ସୋନପୁର ବିଧାୟକ ନୀରଞ୍ଜନ ପୂଜାହାରୀ, କଟକ ବାରବାଟି ବିଧାୟିକା ସୋଫିଆ ଫିରଦୋସ,ବରିଷ୍ଠ ସାମ୍ବାଦିକଙ୍କ ମଧ୍ୟରେ ଧରିତ୍ରୀର ସଂପାଦକ ତଥାଗତ ଶତପଥି,ପ୍ରମେୟର ଗ୍ରୁପଏଡିଟର ଗୋପାଳକୃଷ୍ଣ ମହାପାତ୍ର, ସମ୍ବାଦର ବାର୍ତ୍ତା ସଂପାଦକ ଭବାନୀଶଙ୍କର ତ୍ରିପାଠୀ ଓ ପ୍ରଗତିବାଦୀ ଖବର କାଗଜର କାର୍ଯ୍ୟ ନିର୍ବାହୀ ସଂପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେବାକୁ ସେମାନଙ୍କ ସ୍ୱୀକୃତି ପ୍ରଦାନ କରିଥିବା ସୂଚନା ଦିଆଯାଇଛି । ପ୍ରତ୍ୟେକ ଦିନ ଜଣେ ଜଣେ ବର୍ଷିୟାନ କଳାକାରଙ୍କୁ ମଧ୍ୟ ଅତିଥି କରାଯିବ । ଉଦଘାଟନୀ ଦିବସରେ ଅନ୍ୟ ଥର ଭଳି ଥିଏଟର ମାର୍ଚ୍ଚ କରାଯାଇ ସହର ଭିତରେ ଥିବା ବିଭିନ୍ନ ଛକ ଜାଗା ମାନଂକରେ ମଂଚରେ ପଠୋତ୍ସବ କରାଯିବ ।

କାକଟ ମଙ୍ଗଳା କ୍ଲବ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ କାକଟ ମଙ୍ଗଳା କ୍ଲବ ୮୧ ବର୍ଷରେ ପଦାର୍ପଣ କରିଥିବାବେଳେ ଏହାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । କ୍ଲବ ସଭାପତି ପୌରସଭ୍ୟ ଉମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ସାମାଜିକ କାର୍ଯ୍ୟ, ଏହାର ଅତୀତ ଓ ଭବିଷ୍ୟତ ଉପରେ ବକ୍ତବ୍ୟ ରଖିଥିଲେ । ଆଲାସ୍କା ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡଃ ଦେବେନ୍ଦ୍ର କୁମାର ଦାସ ମୁଖ୍ୟବକ୍ତା ଆମେରିକାସ୍ଥିତ କ୍ଲବର କାର୍ଯ୍ୟଧାରା ଉପରେ ଆଲୋକପାତ କରିବା ସହିତ କାକଟ ମଙ୍ଗଳା କ୍ଲବର କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ନଗରପାଳ ସରିତା ସାହୁ ଯୋଗଦେଇ କ୍ଲବର ବିକାଶ ପାଇଁ ଯଥାସାଧ ସାହାଯ୍ୟ ସହଯୋଗ ଯୋଗାଇ ଦେବେବୋଲି ତାଙ୍କ ବକ୍ତବ୍ୟରେ ପ୍ରତିଶ୍ରୁତି ଦେଇଥିଲେ । ସମ୍ପାଦକ ଆଇନଜୀବୀ ହାଡିବନ୍ଧୁ ସିଂ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଉପ ସଭାପତି ରାଜୀବ ପାଢ଼ୀ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ଗଣେଶ ସାହୁ, ଅକ୍ଷୟ ସେନାପତି ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବାହ୍ନରେ କ୍ଲବ ପରିସରରେ ସଭାପତିଙ୍କ ସଭାପତିତ୍ୱରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୧୯/୧୨ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ଯୁବ ମହୋତ୍ସବ ୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୂପା ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିବିଧତା ସହ ଏକତାକୁ ବାନ୍ଧି ରଖିବା ଯୁବ ମହୋତ୍ସବର ମୂଳଲକ୍ଷ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ନେହେରୁ ଯୁବ କେନ୍ଦ୍ର ସୁବର୍ଣ୍ଣପୁର ପ୍ରତିନିଧି କୃପାସିନ୍ଧୁ ସା ଯୋଗ ଦେଇ ଏହା ମାଧ୍ୟମରେ ଯୁବକ ଯୁବତୀମାନଙ୍କର ପ୍ରତିଭାର ବିକଶିତ ହୋଇପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୬ଟି ବ୍ଲକର ୭୫ଜଣ ପ୍ରତିଯୋଗୀ ଯୋଗଦେଇ ଦଳଗତ ଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ଏକକ ଲୋକନୃତ୍ୟ, ଲୋକ ସଙ୍ଗୀତ, ପଦ୍ୟ, ଗଳ୍ପଲିଖନ, ଚିତ୍ରକଳା ଏବଂ ଔପଚାରିକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ । ୧୫ବର୍ଷରୁ ଅଧିକ ୨୯ବର୍ଷରୁ କମ୍ ଯୁବ ପ୍ରତିଯୋଗୀମାନେ ଭାଗ ନେଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ପୋଲିଟେକନିକ ସୁବର୍ଣ୍ଣପୁର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏକକ ଲୋକନୃତ୍ୟରେ ନିରୁପମା ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଦଳଗତ ଲୋକ ସଙ୍ଗୀତରେ ସରକାରୀ ପୋଲିଟେକନିକ ସୁବର୍ଣ୍ଣପୁର ୧ମ, ରୁମକୁ ଝୁମାନା ୨ୟ ସ୍ଥାନ ଅଧିକାର କରିଥିଲେ । ଲୋକ ସଙ୍ଗୀତ ଏକକ ପ୍ରତିଯୋଗିତାରେ ଶ୍ରୀୟା ଦାସ ୧ମ, ଶ୍ରୀୟା ସା ୨ୟ ଓ ଯୁକ୍ତାମୟୀ ଭୁଏ ୩ୟ ସ୍ଥାନ ଅଧିକାର କରିଥିଲେ । କବିତା ରଚନାରେ ଉତ୍କଳିକା ମିଶ୍ର ୧ମ, ଋତୁରାଜ ପଧାନ ୨ୟ ସ୍ଥାନ ଅଧିକାର କରିଥିଲେ । ଗଳ୍ପ ଲିଖନ ହିନ୍ଦୀ ପ୍ରତିଯୋଗିତାରେ ମିତ୍ରଭାନୁ ପଧାନ ପ୍ରଥମ, କିଶୋର ଚନ୍ଦ୍ର ନାଏକ ଦ୍ୱିତୀୟ, ରିଶଭ ଗୁପ୍ତା ତୃତୀୟ ଏବଂ ଗଳ୍ପ ଲିଖନ ଇଂରାଜୀ ପ୍ରତିଯୋଗିତାରେ ପ୍ରଭାଶିଷ ପଧାନ ପ୍ରଥମ, ବିଦ୍ୟାଜ୍ୟୋତି କର୍ଣ୍ଣ ଦ୍ୱିତୀୟ, ଚିତ୍ରକଳାରେ ଶୁଭମ ସାହୁ ପ୍ରଥମ, ଉଗ୍ରେସନ ରଣା ଦ୍ୱିତୀୟ ଓ ମୌସମ କୁମାର ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଡିକ୍ଲାମେସନ ଇଂରାଜୀରେ ସାଂକେତିକ ପଣ୍ଡା ପ୍ରଥମ ଓ ସୃଷ୍ଟି ମିଶ୍ର ଦ୍ୱିତୀୟ ସେହିପରି ହିନ୍ଦୀ ଡିକ୍ଲାମେସନ ପ୍ରତିଯୋଗିତାରେ ସତ୍ୟ ନାରାୟଣ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜିଲ୍ଲାସ୍ତରୀୟ ବିଜେତାମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ ବୋଲି ଜଣାପଡ଼ିଛି । ବିଭିନ୍ନ ପ୍ରତିଯୋଗିତାରେ ଅମ୍ବୁଜ ବିହାରୀ ଶତପଥି, ଶାଶ୍ୱତ କୁମାର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ସେନ୍ଦେରିଆ, ବାସୁଦେବ ନାଏକ, ଚୌଧୁରୀ ବିଭାର, କୃଷ୍ଣଚନ୍ଦ୍ର ପଣ୍ଡା, ହେମନ୍ତ ଦାସ, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ରଶେଖର ମହାପାତ୍ର, ପ୍ରଜ୍ଞା ପରମିତା ମିଶ୍ର, ପୁରୁଷୋତମ ସାହୁ, ଜିତେନ୍ଦ୍ର ପରଡିଆ, ଦୁର୍ଯ୍ୟୋଧନ ମେହେର, ଶ୍ୟାମ ସୁନ୍ଦର ମେହେର ଓ ସୁରେନ୍ଦ୍ର ମେହେର ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

ଗ୍ରାମବାସୀଙ୍କ ଆକ୍ରମଣରେ ଫରେଷ୍ଟଗାର୍ଡ଼ ଆହତ

ଖୋର୍ଦ୍ଧା, ୧୯/୧୨ (ନି.ପ୍ର): ଟାଙ୍ଗୀ ବନାଂଚଳ ଓ ପଟିଆ ସେକ୍ସନ ଅଧୀନରେ ଥିବା ରଣ୍ଡା ବିଟ୍ ହାଉସ୍‌ରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏ ନେଇ ଚାନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି ।ସୁଚନାନୁଯାୟୀ ରଣ୍ଡା ବିଟ୍ ହାଉସ୍‌ରେ କାର୍ଯ୍ୟରତ ଭବାନୀ ପ୍ରସାଦ ପଟ୍ଟନାୟକଙ୍କୁ କିଛି ଗ୍ରାମବାସୀ ମାଡ଼ ମାରିଛନ୍ତି । ଫଳରେ ଗାର୍ଡ଼ ଜଣଙ୍କ ଆହତ ହୋଇଛନ୍ତି । ରଣ୍ଡା ବିଟ୍ ହାଉସ୍‌ରେ କାର୍ଯ୍ୟରତ ଫରେଷ୍ଟଗାର୍ଡ଼ ଭବାନୀ ପ୍ରସାଦ ପଟ୍ଟନାୟକଙ୍କୁ ଗ୍ରାମବାସୀ ବାଲିମାଫିଆ ବୋଲି ସେମାମାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।ରଣ୍ଡା ଗ୍ରାମବାସୀ କହିବା ଅନୁଯାୟୀ, ରଣ୍ଡା ଗ୍ରାମରେ କେହି ବ୍ୟକ୍ତି ଘର କରିବା ପାଇଁ ସ୍ଥାନୀୟ ଏକ ଗଛପତ୍ର ନାଳରୁ ବାଲି ଆଣି ଘର କରିଥାନ୍ତି, କିନ୍ତୁ ଏହି ଫରେଷ୍ଟଗାର୍ଡ଼ ଜଣଙ୍କ ଗ୍ରାମବାସୀଙ୍କୁ ହଇରାଣ ହରକତ କରୁଥିବା ବେଳେ କୁକୁଡ଼ା ଓ ପଇସାପତ୍ର ମଧ୍ୟ ମାଗିଥାନ୍ତି । ମଦ୍ୟପାନ କରି ଗ୍ରାମବାସୀଙ୍କୁ ଭୟଭୀତ କରି ଝିଅ ବୋହୂଙ୍କ ଖରାପ ନଜରରେ ଦେଖିବା ସହ ଅନ୍ୟ ଗ୍ରାମକୁ ବାଲି ବିକ୍ରିକରି ୫୦୦ ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରିଥାନ୍ତି । ଆଜି ଅନ୍ୟ ଗ୍ରାମକୁ ବାଲି ଚାଲାଣ ହେଉଥବା ସମୟରେ ଗ୍ରାମର ସନ୍ତୋଷ ବରାଳ ଉକ୍ତ ଗାର୍ଡ଼ଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଗାର୍ଡ଼ ଜଣଙ୍କ ଅତ୍ୟଧିକ ମଦ୍ୟପାନ ହେତୁ ଏକ ଗଛରେ ବାଡେଇ ହୋଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଫରେଷ୍ଟଗାର୍ଡ଼ ଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ଦେବାକୁ ମନାକୁ କରିଛନ୍ତି ।

ଆସନ୍ତାବର୍ଷ ଠାରୁ ଚଉଷଠି ଯୋଗିନୀ ମହୋତ୍ସବ ସବୁ ଯୋଗିନୀ ପୀଠରେ ହେବ

18th International Chausathi
YOGINI MAHOSTAV
23rd, 24th & 25th December 2024
at Utkal Mandap, Bhubaneswar
PRESS MEET
Organised by :
Nrutya Prativa

ଭୁବନେଶ୍ୱର , ୧୯/୧୨ (ନି.ପ୍ର): ଚଳିତ ବର୍ଷ ଅଷ୍ଟାଦଶ ଚଉଷଠି ଯୋଗିନୀ ମହୋତ୍ସବ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପ ରେ ଆସନ୍ତା ଡିସେମ୍ବର ୨୩,୨୪,୨୫ ତାରିଖରେ ଅନୁଷ୍ଠିତ ହେବ ଏବଂ ଆସନ୍ତା ବର୍ଷ ଠାରୁ ଏହି ମହୋତ୍ସବ ସମଗ୍ର ଭାରତବର୍ଷରେ ଥିବା ସମସ୍ତ ଯୋଗିନୀ ପୀଠରେ ଅନୁଷ୍ଠିତ ହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ସଭାପତି ଡ ରଜନୀ ରଞ୍ଜନ, ଉପସଭାପତି ବଙ୍କିମ ନାୟକ ପ୍ରକାଶ କରିଛନ୍ତି । ଚଳିତବର୍ଷ ବିଭିନ୍ନ ଦିବସରେ ଓଡ଼ିଶାର ପ୍ରଖ୍ୟାତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ,ପଶୁମୁଖା ନୃତ୍ୟ,ଛଉନୃତ୍ୟ, ବଣ୍ଡା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଭାରତନାଟ୍ୟମ୍ ଇତ୍ୟାଦି ସହିତ ବାବୁ ପାଣିଗ୍ରାହୀଙ୍କ କଣ୍ଠସଙ୍ଗୀତ, ତାଳବାଦ୍ୟ ,ପ୍ରହଲ୍ଲାଦ ନାଟକ ଇତ୍ୟାଦି ପରିବେଷଣ କରାଯିବ । ସାହିତ୍ୟ, ନୃତ୍ୟ,ସଙ୍ଗୀତ କ୍ଷେତ୍ରରେ ବିଶିଷ୍ଟ କବି ଡ ଫନୀ ମହାନ୍ତି,ପାର୍ଥସାରଥୀ ପାଣିଗ୍ରାହୀ ଓ ନୃତ୍ୟଗୁରୁ ନିରଞ୍ଜନ ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯିବ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ । ଏହି ଅବସରରେ ରହସ୍ୟମୟ ଯୋଗିନୀ ପୀଠ ଓ ତାର ରହସ୍ୟମୟ ପରମ୍ପରା ସମ୍ପର୍କିତ ଏକ ପାଠଚକ୍ର ଡ ଆଦ୍ୟାସା ଦାସ ଏବଂ ଡ ସଂଗୀତା ଗୋସାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବ।

କାନମାସ ଦ୍ୱାରା ଆୟୋଜିତ ୭ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଉଦ୍‌ଯାପିତ

ପାରାଦ୍ୱୀପ , ୧୯/୧୨ (ନି.ପ୍ର): କାନମାସ ପାରାଦ୍ୱୀପ, ସଙ୍ଗୀତ ନାଟକ ଏକାଡେମୀ ନୂଆ ଦିଲ୍ଲୀ ଓ ପାରାଦ୍ୱୀପ ବନ୍ଦର ମିଳିତ ସହଯୋଗରେ ପାରାଦ୍ୱୀପ ଠାରେ ୩ ଦିନ ଧରି ଆୟୋଜିତ ୭ମ ଓଡ଼ିଆ ନାଟ୍ୟକାର ସମ୍ମିଳନୀ ଓ ମନୋରଞ୍ଜନ ନାଟ୍ୟ ଉତ୍ସବ ଡିସେମ୍ବର ୧୯ ତାରିଖ ଦିନ ଉଦଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ବିଶିଷ୍ଟ ନାଟ୍ୟକାର ମାନେ ମଞ୍ଚରେ ମନୋରଞ୍ଜନ, ନାଟ୍ୟ ରଚନାରେ ନୂତନତାର ଅନୁସନ୍ଧାନ ଓ ସମ୍ଭାବନା, ଓଡ଼ିଆ ନାଟ୍ୟ ରଚନାର ମାଇଲ ଖୁଣ୍ଟ ଚିହ୍ନଟ ଓ ବିଶ୍ଲେଷଣ, ନାଟ୍ୟ ରଚନାରେ ମୌଳିକତା ବିଶେଷତ୍ୱ ଓ ସ୍ୱତନ୍ତ୍ରତା ଏବଂ ନାଟ୍ୟ ରଚନାରେ ଓଡ଼ିଆତ୍ୱ ଜାହିର କରିବାର ଉଦ୍ୟମ,ସୁଯୋଗ ଓ ଉପାୟ ବିଷୟ ଉପରେ ଆଲୋକପାତ କରି ସେମାନଙ୍କର ମତାମତ ରଖିବା ସଙ୍ଗେ ସଙ୍ଗେ ସମାଧାନର ପନ୍ଥା ବାହାର କରିଥିଲେ । ନାଟ୍ୟକାର ସମ୍ମିଳନୀ ସହିତ ୩ଦିନ ପ୍ରତ୍ୟେକ ସନ୍ଧ୍ୟାରେ ମନୋରଞ୍ଜନ ଦାସଙ୍କ ନାଟକ ବିଭିନ୍ନ ଅନୁଷ୍ଠାନର କଳାକାର ମାନେ ପ୍ରସ୍ତୁତ କରିଥିଲେ । ପ୍ରଥମ ସନ୍ଧ୍ୟାରେ ସ୍ପେସ ଏକାଡେମୀ, ଭୁବନେଶ୍ୱର ସତ୍ୟବ୍ରତ ରାଉତଙ୍କ ନିର୍ଦ୍ଦେଶନାରେ ନନ୍ଦିକା କେଶରୀ ଓ ଦ୍ୱିତୀୟ ସନ୍ଧ୍ୟାରେ ଇଣ୍ଟରନେସନାଲ ଥିଏଟର, ଭୁବନେଶ୍ୱର ମିହିର ମେହେରଙ୍କ ନିର୍ଦ୍ଦେଶନାରେ ନାଟକ ଆଗାମୀ ମଞ୍ଚନ କରିଥିଲେ ।ଉଦଯାପନୀ ସଂଧ୍ୟାରେ କ୍ୟାନମାସର କଳାକାରମାନେ ଶ୍ରୀମନ୍ ମିଶ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ନାଟକ ବିତର୍କିତ ଅପରାହ୍ନ । ପରିବାରର ମୁଖ୍ୟ ବାପା ଏକ ମାଧବ ମନ୍ଦିର ନିର୍ମାଣ କରିବାକୁ ଚାହୁଁଛନ୍ତି କିନ୍ତୁ ପୁଅ ଶିକ୍ଷିତ ହୋଇ ମଧ ନୀତି ଆଦର୍ଶକୁ ଭୁଲି ଯାଇ ସବୁ ପ୍ରକାର ଅନ୍ୟାୟ ଓ ଅନୀତି କରିବାରେ ବ୍ୟସ୍ତ । ନାତି ମଧ ତାର ବାପାଙ୍କ ପଥ ଅନୁସରଣ କରି ଅବାଟରେ ଯାଉଛି ଫଳରେ ପରିବାରରେ ଅଶାନ୍ତିର ବାତାବରଣ କିପରି ସୃଷ୍ଟି ହେଉଛି ଓ ଅପରାହ୍ନର ଭୋଜନ ପ୍ରଭାବିତ ହେଉଛି ପ୍ରଦର୍ଶିତ ହୋଇଥିଲା । ସମାଜରେ ଆଜି ପ୍ରତ୍ୟେକ ପରିବାରରେ ଏପରି ଘଟଣା ଘଟି ଚାଲିଛି ଓ ସେଥିପାଇଁ ଆମେ ନିଜେ ହିଁ ଦାୟୀ ଓ ଏହାର ପରିସମାପ୍ତି ହେବାର ଆବଶ୍ୟକତା ଅଛି ନଚେତ ଅନେକ ଅପରାହ୍ନ ଏହିପରି ବିତର୍କିତ ହୋଇଯିବ ବୋଲି ଦର୍ଶାଇଥିଲେ କଳାକାରମାନେ । ଉଦଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି ଏଲ ହରନାଦ ପାରାଦ୍ୱୀପ ଭଳି ଛୋଟ ସହରରେ ନାଟ୍ୟକାର ସମ୍ମିଳନୀ ଆୟୋଜିତ କରି ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ନାଟକ ମଞ୍ଚସ୍ଥ କରିବାରେ କ୍ୟାନମାସର ପ୍ରଚେଷ୍ଟାର ଭୂଇୟସି ପ୍ରଶଂସା କରିବା ସହିତ କ୍ୟାନମାସର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେ କହିଥିଲେ ଯେ କାନମାସ ଆଗାମୀ ଦିନରେ ଦିଲ୍ଲୀ ଠାରେ ନେସନାଲ ସ୍କୁଲ ଅଫ ଡ୍ରାମା ଦ୍ୱାରା ଆୟୋଜିତ ହେବାକୁଥିବା ରଙ୍ଗ ମହୋତ୍ସବରେ ଭାଗ ନେଉଛି ଶୁଣି ମୁଁ ବହୁତ ଆନନ୍ଦିତ ଓ କାନମାସ ଓଡ଼ିଆ ନାଟକକୁ ଆନ୍ତର୍ଜାତିକ ସ୍ତରକୁ ନେଉଛି ଯାହାକି ପ୍ରଶଂସାର ପାତ୍ର ଓ ପାରାଦ୍ୱୀପ ପାଇଁ ଗର୍ବର କଥା । ଉଦଯାପନୀ ସଂଧ୍ୟାରେ ଅନ୍ୟତମ ଅତିଥି ଭାବେ ବନ୍ଦର ଉପାଧକ୍ଷ ନୀଳଭ୍ର ଦାସଗୁପ୍ତା, ପାରାଦ୍ୱୀପ ମ୍ୟୁନିସିପାଲଟିର ଅଧକ୍ଷ ବସନ୍ତ ବିଶ୍ୱାଳ, ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଓ ବନ୍ଦରର ଅର୍ଥପରାମର୍ଶଦାତା ଡି ଏନ୍ ସୋଣ୍ଡି, ନାଟ୍ୟକାର ଦର୍ପ ନାରାୟଣ ସେଠୀ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ ।

ବନ୍ଦର ସପକ୍ଷବାଦୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କୁ ଭେଟିଲେ

ବାଲିଆପାଳ , ୧୯/୧୨ (ନି.ପ୍ର): ପ୍ରଦୂଷଣ ବିଭାଗ ଆଞ୍ଚଳିକ ଅଧିକାରୀଙ୍କୁ ବୁଧବାର ଭେଟି ନିଜ ମତାମତ ଉପସ୍ଥାପନ କରିଛନ୍ତି ସ୍ଥାନୀୟ ଚଉମୁଖ ଏବଂ ଡାଗରା ଗ୍ରାମପଞ୍ଚାୟତ ବାସିନ୍ଦା। ଗତ ଡିସେମ୍ବର ୧୮ ତାରିଖରେ ଉକ୍ତ ପଞ୍ଚାୟତର ଗଣେଶ ଜେନା, ପ୍ରୀତିଭୂଷଣ ବେହେରା, ରବୀନ୍ଦ୍ର ବେହେରା, ଝଡ଼େଶ୍ୱର ଜେନା, ସହଦେବ ଗିରି, ଝାନ୍ଟୁ ଗିରି, ପୂର୍ଣ୍ଣଚନ୍ଦ୍ର ଗିରି, ମଧୁସୂଦନ ଗିରି, କୃଷ୍ଣକାନ୍ତ ପାତ୍ର, ଅମିୟ ବେହେରା, ଶୁଭଙ୍କର ସାମନ୍ତ, ବିଶ୍ୱଜିତ ପରମାଣିକ, ଲକ୍ଷ୍ମୀଧର ଖିଲାର, ହୃଦାନନ୍ଦ ସାହୁ, ପାର୍ଥ ପ୍ରତିମ ଦାସ, ହରିହର ଜେନା, କୈଳାଶ ଜେନା, ରବୀନ୍ଦ୍ର ଜେନା, ରାମକାନ୍ତ ପଣ୍ଡା, ଅଶୋକ କୁନ୍‌ୱାର, ମାୟାଦର ପାତ୍ର, କମଳ ଲୋଚନ ଦାସ ବାଲେଶ୍ୱରସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁଙ୍କ ନିକଟରେ ସୁବର୍ଣ୍ଣରେଖା ବନ୍ଦର ସମ୍ପର୍କରେ ସେମାନଙ୍କର ମତାମତ ଉଲ୍ଲେଖ ଥିବା ଏକ ପତ୍ର ଦାଖଲ କରିଛନ୍ତି। ବିରୋଧୀ ଓ ହୋହଲ୍ଲା ଯୋଗୁ ଜନଶୁଣାଣିରେ ସେମାନେ ମାଇକରେ ନିଜ ପକ୍ଷ ରଖିପାରିନଥିଲେ। ପ୍ରଶାସନିକ ପ୍ରକ୍ରିୟାକୁ ସମ୍ମାନ ଦେବା ସହ ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହିବା ଲାଗି ସେମାନେ ଯୁକ୍ତିତର୍କ କରିନଥିଲେ ବୋଲି କହିଛନ୍ତି। ଏସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଯୁବ କଂଗ୍ରେସ ପକ୍ଷରୁ ଅମିତ୍ ଶାହାଙ୍କ କୁଶ ପୁତ୍ତଳିକା ଦାହ

ବାସୁଦେବପୁର, ୧୯/୧୨ (ନି.ପ୍ର): ବାସୁଦେବପୁର କାଳୀ ମଣ୍ଡପ ଛକ ଠାରେ ବାସୁଦେବପୁର ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ବିଭାଗ ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଛି । ଭାରତର ସମ୍ବିଧାନର ପ୍ରତିଷ୍ଠାତା ଡ଼କ୍ଟର ବି, ଆର, ଆମ୍ବେଦ କରଙ୍କୁ ଦିଲ୍ଲୀର ସଂସଦ ଭବନରେ ଅପମାନ କରା ଯାଇ ଥିବାରୁ ଏହି ପରି ପ୍ରେକ୍ଷୀରେ ବାସୁଦେବପୁର ବ୍ଲକ ଯୁବ କଂଗ୍ରେସ କମିଟି ପକ୍ଷରୁ ପ୍ରଧାନ ମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଛି । ଏହି ଅବସରରେ ଯୋଗ ଦେଇଥିଲେ ଓ ବିଭିନ୍ନ ସ୍ଲୋଗାନ ଦେଇ ମତା ମତ ରଖିଥିଲେ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟ କାରୀ ସଭାପତି ସୁବ୍ରତ ବେହୁରା, ବ୍ଲକ ଯୁବ କଂଗ୍ରେସ କମିଟି ସଭାପତି ସିଦ୍ଧାନ୍ତ ଦାସ, ନଗର ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଟୁଟୁ ଖାଁ । ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ବାଦଲ ନାୟକ, ରମେଶ ଚନ୍ଦ୍ର ଚଣ୍ଡ, ଚନ୍ଦନ ନାୟକ,ବାପି ମହାନ୍ତି, ବ୍ଲକ କଂଗ୍ରେସ କାର୍ଯ୍ୟ କାରୀ ସଭାପତି ପ୍ରଭାତ ବାରିକ, ଘନେଶ୍ୱର୍ ବେହେରା, ଶିବ ସୁନ୍ଦର ମହାରଣା, ଭରତ ଦାସ, ସଞ୍ଜୟ ଦାସ, ଲମ୍ବୋଦର ବେହେରା, କାଳନ୍ଦୀ ବାରିକ୍, ସନ୍ତୋଷ ଦୀକ୍ଷିତ, ରବୀନ୍ଦ୍ର ପଣ୍ଡା, କାଳନ୍ଦୀ ସେଠି, ରଜନୀକାନ୍ତ ପଣ୍ଡା, ବଳରାମ ବେହେରା, ଅଶୋକ ରଣା, ଦିପକ ନାୟକ, ଜଗଦିଶ ବାରିକ୍ ଓ ଜୁମନ ଖାଁ ।

ଗୋଚର ଜମିରେ ବେଆଇନ୍ ନିର୍ମାଣ ଅଭିଯୋଗ ପରେ ଜୀବନ ଏବେ ବିପଦରେ

ଜଳେଶ୍ୱର ୧୯/୧୨(ନିପ୍ର) ଗୋଚର ଜମିରେ ବେଆଇନ୍ ନିର୍ମାଣ ଉପରେ ଅଭିଯୋଗ ପରେ ଅଭିଯୋଗକାରୀଙ୍କ ଜୀବନ ଏବେ ବିପଦରେ ସ୍ଥାନୀୟ ପୋଲିସ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଏସ.ପି, ମୁଖ୍ୟମନ୍ତ୍ରୀ, ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୁନ ଏପରି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଖୁଆଡ ଗ୍ରାମ ପଞ୍ଚାୟତର ମହୁଡୁମାରେ ଗ୍ରାମର ଅବସ୍ଥିତି ରହିଥିବା ୧୯ଏକର ଗୋଚର ଜମି ଏବେ ଜବର ଦଖଲକାରିଙ୍କ କବଜାରେ ଓ ନିର୍ମାଣ ଚାଲିଛି ବଡ ବଡ ଗୋଠା ଠିକ୍ ସେହିପରି ଶ୍ୟାମନଗର ଗ୍ରାମ ପଞ୍ଚାୟତର କୁଶଗଡ଼ ଗ୍ରାମର ବେଆଇନ୍ ଭାବେ ଗ୍ରାମ୍ୟ ଜଙ୍ଗଲ ଜମିକୁ ଲାଗି ରହିଥିବା ଗୋଚର ଜମିକୁ ଜବରଦଖଲ କାରୀ ବେଆଇନ୍ ଭାବେ କୁକୁଡା ଫାର୍ମ ନିର୍ମାଣ କରିବା ବାବଦରେ ଅଭିଯୋଗ କାରୀ ପୂର୍ବରୁ ସେମାନେ ସେମାନଙ୍କର ଅଭିଯୋଗ ପତ୍ର ତହସିଲ ଠାରୁ ଆରମ୍ଭ କରି ଜିଲାପାଳ ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ଥିଲେ ମଧ ଆଜି ପର୍ଯ୍ୟନ୍ତ ଉକ୍ତ ଗୋଚର ଜମିକୁ ଜବରଦଖଲ ଉଚ୍ଛେଦପାଇଁ ପଦକ୍ଷେପ ଗ୍ରହଣ ନ କରିବା ହେତୁ ଆସନ୍ତା ୨୩ ତାରିଖରୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସିବାକୁ ଥିବା ମହୁଡୁମା ଗ୍ରାମର ଅନନ୍ତ ଦାସ ଓ କୁଶୁଗର୍ଡ ଗ୍ରାମର ସଙ୍କର ହେମ୍ବ୍ରମ୍ ଲିଖିତ ଅଭିଯୋଗ ଦେବାରୁ ସେମାନଙ୍କୁ ବିଭିନ୍ନ ପ୍ରକାର ଚାପ ପ୍ରୟୋଗ କରିବା ସହିତ ଆଗକୁ ସେମାନଙ୍କ ଜୀବନ ସହିତ ତାଙ୍କ ପରିବାର ଜୀବନ ବିପଦ ସଙ୍କୁଳ ଥିବା ଦର୍ଶାଇ ରାଇବଣିଆ ପୋଲିସ ପକ୍ଷରୁ ସୁରକ୍ଷା ଯୋଗଇଦେବା ପାଇଁ ନିବେଦନ କରିଛନ୍ତି ।

ଟିଇଡି ମାଧ୍ୟମରେ ଅଲିଭ ରିଡଲେ କଇଁଛ ସର୍ବେକ୍ଷଣ

ବାହାବଳପୁର/ ବାଲେଶ୍ୱର, ୧୯/୧୨ (ନି.ପ୍ର): ଭାରତ ସରକାରଙ୍କ ଏମପିଇଡିଏ (ସାମୁଦ୍ରିକ ଦ୍ରବ୍ୟ ଉନ୍ନୟନ କର୍ତ୍ତୃପକ୍ଷ) ରାଜ୍ୟ ମତ୍ସ୍ୟ ବିଭାଗ ଓ ମତ୍ସ୍ୟ ସଂଘ ପକ୍ଷରୁ ବୁଧବାର ସମୁଦ୍ରରେ ଅଲିଭ ରିଡ୍‌ଏଲ କଇଁଛଙ୍କ ଗତିବିଧି ଉପରେ ସର୍ବେକ୍ଷଣ କରାଯାଇଥିଲା । ୨ଟି ବୋଟରେ ବୈଜ୍ଞାନିକ ଟିମ୍, ବିଭାଗୀୟ ଅଧିକାରୀ, ଟ୍ରଲର ସଂଘର ପ୍ରତିନିଧିମାନେ ଯାଇ ଟି.ଇ.ଡି (ଟର୍ଟଲ ଏକ୍ସକ୍ଲୁଡିର ଡିଭାଇସ) ଜରିଆରେ ମାଛ ଧରିଥିଲେ । ଟିଇଡି ଜରିଆରେ କିପରି ମାଛ ଧରିଲେ କଇଁଛ ସୁରକ୍ଷିତ ରହିବ ତାକୁ ବୈଜ୍ଞାନିକ ଟିମ ବାସ୍ତବରେ ଦେଖାଇଥିଲେ । ମତ୍ସ୍ୟ ବିଭାଗର ସହାୟକ ମତ୍ସ୍ୟ ଅଧିକାରୀ ବାହାବଳପୁର ନଳିନୀ କାନ୍ତ ଦାସ, ସହାୟକ ମତ୍ସ୍ୟ ଅଧିକାରୀ ଶାନ୍ତନୁ କୁମାର ଗିରି ଡାଇରେକ୍ଟର କଟକ, ରବିନାରାୟଣ ଦାସ , ଭାରତୀୟ ତଟରକ୍ଷୀ ବାହିନୀର ଅଧିକାରୀ, ବିନୟ ପାତ୍ର ବାହାବଳପୁର ଟ୍ରଲର ମାଲିକ ସଂଘ, ଏମପିଇଡିଏ'ର ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ଜଗନ୍ନାଥ ସ୍ୱାଇଁ, ଏଚ୍‌ଡିସି ଧାମରା ପ୍ରମୁଖ ଅଧିକାରୀମାନେ ଏହାକୁ ଅନୁଧ୍ୟାନ କରିଥିଲେ । ଚାନ୍ଦିପୁର ମୁହାଁଣରେ ଦିନ ତମାମ ଦୁଇଟି ବୋଟରେ ଟିଇଡି ଜରିଆରେ ମାଛ ଧରା ଯାଇଥିଲା । ଏମପିଇଡିଏ ସଂଯୋଜକ ମହାପାତ୍ର କୁହନ୍ତି ଆମେ ସାଧାରଣ ଜାଲ ଓ ଟିଇଡି ଜାଲ ଜରିଆରେ ଦୁଇଟି ବୋଟରେ ଘଣ୍ଟାଏ ଲେଖାଏଁ ଫିସିଂ କରିଥିଲେ। ପ୍ରଥମେ ଟିଇଡି ଜାଲରେ ପ୍ରଥମ ଜାଲରେ ୬୫.୫ କେଜି ଓ ପରେ ୪୦କେଜି ମାଛ ମିଳିଥିଲା । ସେହିପରି ଏବେ ପ୍ରଚଳିତ ସାଧାରଣ ଜାଲ ଜରିଆରେ ସମାନ ୧ ଘଣ୍ଟା ଫିସିଂ କରିଥିଲେ ସେଥିରେ ପ୍ରଥମ ଜାଲରେ ୬୫.୫ କେଜି ଓ ଦ୍ୱିତୀୟ ଜାଲରେ ୨୫ କେଜି ମିଳି ଥିଲା । ଉକ୍ତ ଜାଲରେ ସିଲଭର ଫମ୍ଫ୍ରେଟ, ବ୍ଲକ୍ ଫ୍ରଫେଟ, କାଡ଼ା ଓ ଅନ୍ୟ ପ୍ରଜାତିର ମାଛ ମିଳିଥିଲା । ଏହି ଟିଇଡି ପରିଷଦ କାର୍ଯ୍ୟକ୍ରମ ସକାଳ ୮ଟାରେ ଆରମ୍ଭ ହୋଇଥିଲା ଏବଂ ରାତି ୧୦ଟାରେ ଶେଷ ହୋଇଥିଲା । ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ସମସ୍ତ ଟ୍ରଲର ମାଲିକ ମାନଙ୍କୁ ଅନୁରୋଧ କରାଯାଇଛି ସମସ୍ତ ଜାଲରେ ଟିଇଡିର ବହୁଳ ବ୍ୟବହାର ଦ୍ୱାରା କଇଁଛ ସୁରକ୍ଷିତ ରହିବେ ଓ ଆମେରିକା ଦ୍ୱାରା ଲଗାଯାଇଥିବା ପ୍ରତି ବନ୍ଧ ହଟାଯାଇ ପାରିବ ।

ଆତ୍ମବିଶ୍ୱାସ ବୋଧ ଓ ଏକାଗ୍ରତାଭାବ ସଫଳତାର ମୂଳମନ୍ତ୍ର ଅଟେ

ଉଦଳା, ୧୯/୧୨ (ନି.ପ୍ର): ନଚ୍ଛିପୁର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଳାର ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇ ପିଲା ମାନଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଆତ୍ମବିଶ୍ୱାସ ଏବଂ ଏକାଗ୍ରତା ଭାବ ଭରି ସେମାନଙ୍କ ମଧ୍ୟରେ ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ବିବେକାନନ୍ଦ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏହି ଉତ୍ସବ ରେ ଗୁରୁଜୀ ପ୍ରଭଞ୍ଜନ ମହାପାତ୍ର ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ବରଣ୍ୟ ଅତିଥି ଭାବେ ସରପଞ୍ଚ ଭୀମ ଚରଣ ସିଂ, ରଘୁବୀର ସିଂ, ତିଳତ୍ତମା ନାୟକ, ସମାଜସେବୀ ପ୍ରଭାତ ପରିଡା , ବିଭୂତି ମହାନ୍ତ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ । ପ୍ରଧନ ଆଚାର୍ଯ୍ୟ ଯୋଗେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ଗୁରୁଜୀ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥଲେ। ଶେଷରେ ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସଂସଦରେ ଧକ୍କାକାଣ୍ଡ...

ଆଉ ଆଜି ବିଜେପି ସାଂସଦ ତାଙ୍କୁ ଠେଲିଦେଇ ଆହତ କରିଦେଲେ। ତେଣୁ ଏ ସବୁ ପଛରେ ଏକ ଷଡ଼ଯନ୍ତ୍ର ଥିବା କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଅଭିଯୋଗ କରିଛନ୍ତି। ସେହିଭଳି ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେଙ୍କ ଭଳି କଂଗ୍ରେସର ଶୀର୍ଷ ନେତା ଅଭିଯୋଗ କରିଛନ୍ତି ଯେ ବିଜେପି ସଂସଦର ଗାରିମା ନଷ୍ଟ କରୁଛି। ରାଜ୍ୟସଭାରେ ବିରୋଧୀ ଦଳ ନେତା ଖଡଗେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଏକ ଚିଠି ଲେଖି ତାଙ୍କୁ ବିଜେପି ସାଂସଦ ଜାଣିଶୁଣି ଠେଲି ଦେଇଥିବା ଅଭିଯୋଗ କରିଛନ୍ତି। ଯାହା ଫଳରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ସେ ଚିଠିରେ ଲେଖିଛନ୍ତି। ଏହି ଆକ୍ରମଣ କେବଳ ମୋ ଉପରେ ନୁହେଁ, ବରଂ ସଂସଦର ସମ୍ବିଧାନ ଉପରେ ଆକ୍ରମଣ ବୋଲି ଖଡଗେ କହିଛନ୍ତି।

ନୂଆବର୍ଷରୁ ନୂଆ...

ଆଧାରରେ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା ନିର୍ମାଣ ଦ୍ୱାରା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଚାଲିବ। ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ମଧ ଉଦ୍ୟମ ଚାଲିଛି। ଓବିସିସି ଦ୍ୱାରା ଡାଇଗ୍ରାମ କରାଯାଇଥିବା ରାଂପ୍ ବ୍ୟବସ୍ଥା ନୂଆବର୍ଷ ପୂର୍ବରୁ ନିର୍ମାଣ ଶେଷ କରାଯିବ। ଯଦିଓ ନୂଆ ଦର୍ଶନ ବ୍ୟବସ୍ଥାର ପୂର୍ଣ୍ଣ ଚିତ୍ର ଆସିନାହିଁ, ତେବେ ସୂଚନା ଅନୁସାରେ ୬ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ନିର୍ମାଣ ହେବ। କାଠରେ ବ୍ୟାରିକେଡ୍ ଓ ରାଂପ୍ ତିଆରି ହେବ। ପ୍ରଥଣ ଲେନରେ ଦିବ୍ୟାଙ୍ଗମାନେ ଯିବେ। ଦ୍ୱିତୀୟ ଲେନରେ ଶିଶୁ ଓ ମହିଳାମାନେ ଯିବେ। ଏହା ପର ଲେନରେ ବରିଷ୍ଠ ନାଗରିକମାନଙ୍କୁ ଛଡ଼ାଯିବ। ବଳକା ତିନି ଲେନରେ ପୁରୁଷମାନେ ଯିବେ। ତା'ସହିତ ଯେଉଁ ମହିଳାମାନେ ଚାହିଁବେ ସେମାନେ ମଧ ଏହି ତିନି ଲେନରେ ଯାଇପାରିବେ। ଅନ୍ୟପକ୍ଷରେ ଗରୁଡ଼ ସ୍ତମ୍ଭ ପଛ ପାଖରେ ଯେଉଁମାନେ ଦର୍ଶନ କରିବାକୁ ଚାହିଁବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ରାଂପ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଂପ୍ ଓ ବ୍ୟାରିକେଡ୍ ବ୍ୟବସ୍ଥାର ରୂପରେଖ କିଭଳି ରହିବ, ଉଚ୍ଚତା କେତେ ଫୁଟ୍ ରହିବ, କିଭଳି ଏହାକୁ ତୁରନ୍ତ କଢା ଯାଇପାରିବ ଏବଂ ଭୋଗମଣ୍ଡପ କରାଯିବ ତା' ଉପରେ ବିସ୍ତୃତ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ ପରିଚାଳନା କମିଟି ସଦସ୍ୟ। ସେହିପରି ଏଏସଆଇର ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, ଘଏଜଓ ରିପୋର୍ଟ ଆଧାରରେ ଭଣ୍ଡାର ଘର ମରାମତି କାମ ଚାଲିଛି।

ରବିବାର ସକାଳ...

କିଛି ଅଞ୍ଚଳରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ବେଳେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖ ସକାଳ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ପାଇଁ କୁହୁଡ଼ି ନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ଚେତାବନୀ ଦିଆଯାଇ ନଥିବା ବେଳେ ଆଗାମୀ ୪ ଦିନ ଯାଏ ସର୍ବନିମ୍ନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି କୁହାଯାଇଛି। ଅର୍ଥାତ୍ ଏହି ୪ ଦିନ ଶୀତର ପ୍ରକୋପ ସ୍ୱାଭାବିକ ରହିବ।

ବିଚ୍ ରାସ୍ତାରେ ଓଆଇସିଙ୍କ...

ଶ୍ରୀ ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀ ସେମାନଙ୍କୁ ମାଡ଼ ମାରିଥିଲେ। ତା'ପରେ ଜଣଙ୍କୁ ତଳେ ପକାଇ ତା' ଉପରେ ଓଆଇସି ପ୍ରିୟଦର୍ଶନ ସେଠୀ ଗୋଡ଼ ରଖି ପକେଟରୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ ବୋଲି କୁହାଯାଉଛି। ଏହି ଦୁଇ ଯୁବକଙ୍କ ନାଁରେ ପୂର୍ବରୁ କିଛି ଅଭିଯୋଗ ରହିଥିବା ମଧ କୁହାଯାଉଛି। ତେବେ ଅଭିଯୁକ୍ତ ହେଲେ ମଧ ସେମାନଙ୍କ ବିରୋଧରେ ପୁଲିସର ଏଭଳି ଅମାନବୀୟ ବ୍ୟବହାରକୁ ସମସ୍ତେ ନାପସନ୍ଦ କରିଛନ୍ତି। ସୋଶାଲ ମିଡିଆରେ ପ୍ରିୟଦର୍ଶନ ସେଠୀଙ୍କ ଏହି ଫଟୋ ଭାଇରାଲ ହେବା ପରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ତାଙ୍କୁ ବଦଳି କରିଛନ୍ତି। ଏହା ସହିତ ତାଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ସେଠାରେ ସେଦିନ କ'ଣ ଘଟିଥିଲା, ତାହା ଜଣାପଡ଼ିବ।

ଆକ୍ସନ ମୁଡରେ ଇଡି ...

ବୋଲି ସୂଚନା ରହିଛି। ପୁଣି ଆଜି ସକାଳୁ ସକାଳୁ ଚଢ଼ାଉ ଜାରି ରହିଛି। ଗତକାଲି ଚଢ଼ାଉ ବେଳେ ଇଡି ହାତରେ କେଉଁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ। ଉଲ୍ଲେଖଯୋଗ୍ୟ, କ୍ଷୀରୋଦ ମଲ୍ଲିକ ଏକାଧିକ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କରୁ ଲୋନ ନେଇଥିଲେ। ହେଲେ ତାର ପରିଷଦ କରିନଥିଲେ। ଏଥିସହ କ୍ଷୀରୋଦ ଚଲାଇଥିବା ବିଶ୍ୱ ଏନଜିଓ ୨୩୧ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ଠକେଇ ଟଙ୍କା ଚଳିତ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ସୂଚନା ମିଳଥିଲା। ଏହି ତଥ୍ୟ ମିଳିବା ପରେ ଇଡି ଖୋଳତାଡ଼ ଆରମ୍ଭ କରିଛି। ସୂଚନା ଥାଉକି, କିଛି ବର୍ଷ ବିଶ୍ୱ ଏନଜିଓ ସଂସ୍ଥା ବନ୍ଦ ରହିଛି। ତେବେ ଇଡି ଚଢ଼ାଉ ନେଇ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

ମୁଁ ଆଇଏଏସ୍ ...

ଥାନାର ଅଭିଯୋଗ କରିବାପରେ ପୁଲିସ ଘଟଣାର ତଦନ୍ତ କରିଥିଲା। ପରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ହେଲେ ସଂପୃକ୍ତ ମହିଳା ଜଣଙ୍କ ଫେରାର ଅଛନ୍ତି। ପୁଲିସ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ରାକେଟର ଚେର ଲମ୍ବିଥିବା ଜଣାଯାଇଛି। ମାଷ୍ଟର ମାଇଣ୍ଡଙ୍କ ମହିଳାଙ୍କ ସହ ତାଙ୍କ ପୁଅ ଓ ଝିଅ ଏହି ନେଟୱାର୍କରେ କାମ କରୁଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି।

ଧରାପଡ଼ିଲେ ୮...

ଏହାପରେ କେରଳ ଚାଲି ଯାଇଥିଲା ବୋଲି ଏସଟିଏଫ କହିଛି। ଆସାମ ଏସଟିଏଫ ଏକଥା ଜାଣିବା ପରେ କେରଳ ଓ ବେଙ୍ଗଲ ପୁଲିସ୍ ସହ ମିଶି ଅପରେସନ ପ୍ରଘାତ ଆରମ୍ଭ କରିଥିଲା। ବାଂଲାଦେଶରେ ସକ୍ରିୟ ଥିବା ଅଲକାଏଦା ସମର୍ଥିତ ଆତଙ୍କୀ ସଂଗଠନର ଜଣେ ଲିଡର ସହଯୋଗୀ ମହମ୍ମଦ ଫରହାନ ଇସାରକ ଅଧୀନରେ କିଛି ଆତଙ୍କବାଦୀ ଭାରତରେ କାମ କରୁଥିବା ଜଣାପଡ଼ିଥିଲା। ଏମାନଙ୍କ ଟାର୍ଗେଟରେ ଆରଏସଏସ ଓ ଅନ୍ୟ ହିନ୍ଦୁ ସଂଗଠନ ରହିଥିଲା। ଫରାନ ହେଉଛି ଅଲକାଏଦା ସମର୍ଥିତ ଆତଙ୍କବାଦୀ ସଂଗଠନ ଅନସାରୁଲ୍ଲା ବଙ୍ଗାଲ ଟିମ (ଏବିଟି)ର ମୁଖ୍ୟ ଜୈସମୁଦ୍ଦିନ ରହମାଣିର ଅତ୍ୟନ୍ତ ଘନିଷ୍ଠ। ଆସମର ସ୍ୱତନ୍ତ୍ର ଡିଜିପି ହରମୀତ ସିଂହ କହିଛନ୍ତି, "ଜିହାଦୀ ତତ୍ତ୍ୱଙ୍କ ବିରୋଧରେ ଏହା ଏକ ବଡ଼ ପଦକ୍ଷେପ। ଆମେ କେନ୍ଦ୍ରୀୟ ଏଜେନ୍ସି ସମେତ ପଶ୍ଚିମବଙ୍ଗ ଓ କେରଳ ପୁଲିସ୍? ସହାୟତାରେ ଆତଙ୍କବାଦୀମାନଙ୍କୁ ଧରିଛୁ। ଆମେ ଅଧିକ ଆତଙ୍କବାଦୀଙ୍କୁ ଧରିପାରିଲେ, ଆମେ ସଫଳ ହୋଇଛୁ ବୋଲି କହିପାରିବୁ। ହଁ, ଆମେ ଅପରେସନ ଆରମ୍ଭ କରି ସାରିଛୁ।" କେରଳ ଯିବା ପୂର୍ବ ଶେଖ ପଶ୍ଚିମବଙ୍ଗ ଓ ଆସାମରେ ଥିବା ଏବିଟିର ସ୍ଲିପର ସେଲର ସଦସ୍ୟମାନଙ୍କୁ ଭେଟିଥିଲା। କେରଳରେ ମଧ ସେ ଅଧିକରୁ ଅଧିକ ସ୍ଲିପର ସେଲର ସଦସ୍ୟଙ୍କୁ ଯୋଗାଯୋଗ କରିବା ଲକ୍ଷ୍ୟରେ ଯାଇଥିଲା। ତେବେ ଆଇପିଏସ ପାର୍ଥ ସାରଥୀ ମହାନ୍ତାଙ୍କ ନେତୃତ୍ୱାଧୀନ ଟିମ ବିଭିନ୍ନ ସ୍ଥାନରେ ରେଡ କରି ୮ ଜଣଙ୍କୁ ଗିରଫ କରିଛି। ଡିସେମ୍ବର ୧୭ ତାରିଖ ବିଳମ୍ବ ରାତିରୁ ୧୮ ତାରିଖ ଭୋର ଯାଏ କେରଳ, ବେଙ୍ଗଲ ଓ ଆସାମରେ ରେଡ କରାଯାଇଥିଲା। ଏହି ସମୟରେ ଶେଖ ସହ ଅନ୍ୟ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ- ମିନାରୁଲ ଶେଖ, ମହମ୍ମଦ ଆବାସ ଅଲୀ, ନୁର ଇସଲାମ ମଣ୍ଡଳ, ଅବଦୁଲ କରିମ ମୁଣ୍ଡଳ, ମୁଜିବୁର ରହମନ, ହମିଦୁଲ ଇସଲାମ ଓ ଇନାମୁଲ ହକ। ଏମାନେ କେବଳ ବେଙ୍ଗଲ, ଆସାମ କିମ୍ବା କେରଳରେ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହୁଁ ନଥିଲେ, ବରଂ ସେମାନଙ୍କ ଟାର୍ଗେଟରେ ବିଭିନ୍ନ ରାଜ୍ୟ ରହିଥିଲା। ନୁର ଇସଲାମ ଓ ମୁଜିବୁର ରହମନ ବେଙ୍ଗଲର ବିଭିନ୍ନ ସ୍ଥାନକୁ ଯାଇ ଯୁବଗୋଷ୍ଠୀଙ୍କୁ ନିଜ ସଂଗଠନରେ ସାମିଲ କରିବାକୁ ଚେଷ୍ଟା କରୁଥିଲେ। ଏନେଇ ବେଙ୍ଗଲର ମୁର୍ଶିଦାବାଦ ଓ ଫାଲାକାତାରେ ଏକାଧିକ ବୈଠକ ହୋଇଛି। ଏହି ବୈଠକର ନୁର ଓ ତା' ସହଯୋଗୀମାନେ ଆରଏସଏସ ଓ ଅନ୍ୟ ହିନ୍ଦୁ ସଂଗଠନ ବିରୋଧରେ ବିଷ ଓକାରିଥିଲେ। ଏହି ସବୁ ବୈଠକ ଗୁଡ଼ିକରେ ଧାର୍ମିକ ବିଦ୍ୱେଷ ସୃଷ୍ଟି କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ ସଂଗଠନର ସଦସ୍ୟମାନେ ହିନ୍ଦୁ ସଂଗଠନର ସଦସ୍ୟମାନଙ୍କୁ ଟାର୍ଗେଟ କରିବେ। ସାଂପ୍ରଦାୟିକ ହିଂସା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ରହିଥିଲା।

ରାଜ୍ୟସଭା ଅଧ୍ୟକ୍ଷଙ୍କ...

ସାଂସଦମାନେ ବାରମ୍ବାର କହୁଥିଲେ। ଯାହା ଚଳିତ ଶୀତ ଅଧିବେଶନରେ ଚରମ ସୀମାରେ ପହଞ୍ଚିଥିବା ବିରୋଧୀ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଧିବେଶନ ଆରମ୍ଭରୁ ଏହି ପ୍ରସଙ୍ଗରେ ଉଭୟ ବିରୋଧୀ ଓ ଶାସକ ମେଣ୍ଟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଶେଷରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ଅନ୍ୟ ସାଂସଦମାନେ ଏହି ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

ବିଦ୍ୟୁତ୍ ମିଟର...

ଘରେ ପହଞ୍ଚି ଖୋଳତାଡ଼ କରିଛନ୍ତି। ନୂଆ କରି ଲାଗିଥିବା ସ୍ମାର୍ଟ ମିଟର ରିଡିଂକୁ ଯାଞ୍ଚ କରାଯାଇଛି। ସାଂସଦଙ୍କ ଘରେ ଲାଗିଥିବା ଦୁଇଟି ମିଟରରେ ଟାମ୍ପରିଂର ପ୍ରମାଣ ମିଳିଛି। ତେବେ ଯାଞ୍ଚ ପାଇଁ ଯାଇଥିବା ପୁଲିସ ଓ ବିଦ୍ୟୁତ୍ ବିଭାଗ ଟିମ୍‌କୁ ସାଂସଦ ଧମକାଇଥିବା ଅଭିଯୋଗ ହୋଇଛି। ଏହାପରେ ସାଂସଦଙ୍କ ନାଁରେ ଧାରା ୧୩୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୂର୍ବରୁ ବିଦ୍ୟୁତ ବିଭାଗ ସାଂସଦଙ୍କ ଘରେ ଲାଗିଥିବା ପୁରୁଣା ମିଟରକୁ ହଟାଇ ତାକୁ ସିଲ୍ କରିଥିଲେ। ଏହାପରେ ଯାଞ୍ଚ ପାଇଁ ଲ୍ୟାବକୁ ପଠାଇଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ସାଂସଦଙ୍କ ଘରର ବିଜୁଳି ବିଲରେ ବର୍ଷ ବର୍ଷର ରିଡିଂ ଜିରୋ ଥିଲା। ଏହାପରେ ତାଙ୍କ ଘରର ବିଦ୍ୟୁତ୍ ମିଟରକୁ ଦୁଇ ଦିନ ତଳେ ବଦଳାଇ ନୂଆ ଲଗାଯାଇଥିଲା।

ଶୁକ୍ରବାର, ଡିସେମ୍ବର ୨୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଅତୁଟ ବନ୍ଧନ କଣ୍ଟ୍ରାକ୍ଟର ମେଗା ମିଟିଂ

ବାଲିଆପାଳ , ୧୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକ ନିକଟରେ କହ୍ନେୟା ହୋଟେଲ୍ ପରିସରରେ ଆଦାନୀ ଏବଂ ଏ.ସି.ସି. ସିମେଣ୍ଟ କମ୍ପାନୀର ମିଳିତ ଆନୁକୁଲ୍ୟରେ ବୁଧବାର ସନ୍ଧ୍ୟାରେ ଅତୁଟ ବନ୍ଧନ କଣ୍ଟ୍ରାକ୍ଟର ମେଗା ମିଟିଂ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଞ୍ଚଳିକ ବୈଷୟିକ ସେବା ପରିଚାଳକ ସୁଦିପ୍ତ ବୋଷ, ବାଲେଶ୍ୱର କ୍ଷେତ୍ର ପରିଚାଳକ ସଞ୍ଚିତ କୁମାର ନନ୍ଦ, ବୈଷୟିକ ସେବା ଯନ୍ତ୍ରୀ ସୌମ୍ୟ ରଞ୍ଜନ ରାଉତ, ବ୍ରାଣ୍ଡ ମ୍ୟାନେଜର ଅତ୍ରି ରାୟ, ବୈଷୟିକ ସେବା ଯନ୍ତ୍ରୀ ବାଲେଶ୍ୱର ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗଦେଇ ଭାରତ ବର୍ଷରେ ସର୍ବପ୍ରଥମେ ଏବଂ ଭରସା ଯୋଗ୍ୟ ଏ.ସି.ସି. ସିମେଣ୍ଟର ଗୁଣବତ୍ତା ଉପରେ ବ୍ୟବସାୟ , କଣ୍ଟ୍ରାକ୍ଟର ଏବଂ ଯନ୍ତ୍ରୀମାନଙ୍କୁ ବୁଝାଏ ଥିଲେ। ବାଲିଆପାଳ , ବସ୍ତା ଏବଂ ଭୋଗରାଇ ବ୍ଲକରୁ ୨ଶହରୁ ଅଧିକ ବ୍ୟବସାୟୀ ,କଣ୍ଟ୍ରାକ୍ଟର , ଯନ୍ତ୍ରୀ ଯୋଗଦେଇ ଦେଇଥିବା ବେଳେ ୨୪ ଜଣଙ୍କୁ ତାଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥିଲା।

ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିଷ୍ଟର ପ୍ରଥମ ଅନ୍ତରଜାତୀୟ ସମ୍ମିଳନୀରେ ଗେଟାଲାଇଭ ହେଲଥ କେୟାରକୁ ସମ୍ମାନିତ

IAP & IAPW
UTKAL BRANCH
Committed to the profession of Physiotherapy in India

ଭୁବନେଶ୍ୱର , ୧୯/୧୨ (ନି.ପ୍ର): ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିଷ୍ଟର, ଉତ୍କଳ ଶାଖା ପକ୍ଷରୁ ଓଡିଶାରେ ପ୍ରଥମ ଥର ପାଇଁ ଭୁବେନେଶ୍ୱର ଠାରେ ଦୁଇ ଦିନିକିଆ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିଓଥେରାପିଷ୍ଟର ଅନ୍ତରଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି । ଏହି ସମ୍ମିଳନୀରେ ଗେଟାଲାଇଭ ହେଲଥ କେୟାରକୁ ସାମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଆଇନ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ, ସାମ୍ମାନୀତ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ ହସ୍ପିଟାଲର ମେଡିକାଲ ସୁପାରିଣ୍ଟେଣ୍ଡେଣ୍ଟ ଡ଼ା ପୁଷ୍ପରାଜ ସମନ୍ତସିଂହାର, ଆଇ.ଏ.ପି ର ସଭାପତି ଡ଼ା ସଂଜୀବ ଝା, କୋଷାଧକ୍ଷ ରୁଚି ଭାସନେଙ୍କ ସହିତ ଉତ୍କଳ ଆଇ.ଏ.ପିର କର୍ମକର୍ତା ପ୍ରମୁଖ ଯୋଗ ଦେଇ ଥିଲେ । ଗେଟାଲାଇଭର ନିର୍ଦେଶକ ଡ଼ା ଦେବାଶିଷ ମିଶ୍ରଙ୍କୁ 'ଗେଷ୍ଟ ସ୍ପିକର' ଗେଟାଲାଇଭର ଅନ୍ୟତମ ନିର୍ଦେଶକ ମିହିର ନନ୍ଦ ଗୋସ୍ୱାମି ଓ ଗେଟାଲାଇଭର ଡ଼ା କୈଳାଶ କିରଣ ନାୟକଙ୍କୁ ସଂଯୋଜକ ଭାବେ ଉପଢୌକନ ଓ ମାନପତ୍ର ଦେଇ ଅତିଥି ମାନେ ସାମ୍ମାନିତ ହୋଇଥଲେ । ଏହି ସମ୍ମିଳନୀରେ ଦେଶ ଓ ବିଦେଶରୁ ୧୦୦୦ରୁ ଉର୍ଦ୍ଧ ପ୍ରଫେସନାଲ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଗେଟାଲାଇଭ ହେଲଥ କେୟାରକୁ ସାମ୍ମାନୀତ କରାଯାଇଥିବାରୁ ଗେଟାଲାଇଭ ହେଲଥ କେୟାର ନିର୍ଦେଶକ ଡ଼ା ପ୍ରଭଞ୍ଜନ ରାୟସମନ୍ତ ଆଇ.ଏ.ପି ଏବଂ ଆଇ.ଏ.ପି ଉତ୍କଳ ଶାଖାକୁ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ମାନସିକ ସ୍ୱାସ୍ଥ୍ୟ ଗୁରୁତ୍ୱକୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା ବୈଠକ

ବାରିପଦା, ୧୯/୧୨ (ନି.ପ୍ର): ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର, ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପ୍ତ କରିବା ପାଇଁ ଗୁରୁବାର ଦିନ ଅନୁଷ୍ଠିତ ହୋଇଛି ଜିଲ୍ଲା ସ୍ତରୀୟ ସମ୍ବେଦନଶୀଳ ଓ ସଚେତନତା ବୈଠକ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସଂଯୋଜକ ଭାବେ ଡଃ ପ୍ରଜ୍ଞା ପାରମିତା ଗିରି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସବିତା ମାଝୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିଜୟ କୁମାର ଦାସ, ଜିଲ୍ଲା ମେଡିକାଲ ଅଧିକାରୀ ଡଃ ଜ୍ଞାନ ରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସଂଯୋଜିକା ଡଃ ଦେବଦତ୍ତା, ଡଃ ମାନସ ରଞ୍ଜନ ଦାସ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ପ୍ରମୁଖ ମଂଚାସୀନ ଥିଲେ। ବର୍ତ୍ତମାନର ଜୀବନ ଶୈଳୀ, ସମ୍ପର୍କରେ ପାଠ, ବିଭିନ୍ନ ପ୍ରକାର ଚିନ୍ତା ଲୋକଙ୍କୁ ମାନସିକ ରୋଗରେ ପୀଡିତ କରାଇଥାଏ। ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ଓ ଶକ୍ତିଶାଳୀ କରିବାର ସରକାରଙ୍କର ଲକ୍ଷ୍ୟ, ଏଣୁ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଡବଲୁଏଚଓ ପ୍ରମାଣ ଗୁଡିକର ମୂଲ୍ୟାଙ୍କନ କରୁଛି ଏବଂ ଏହି ସୂଚନା ଗୁଡିକୁ ପ୍ରଚାର କରିବା ଓ ପ୍ରଭାବୀ ରଣନୀତିକୁ ନୀତି ଓ ଯୋଜନାରେ ସମନ୍ୱିତ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟା ରହିଛି। ସୂଚନା ଥାଉକି, ମୟୂରଭଞ୍ଜ ଜିଲ୍ଲାରେ ଏହି ସମସ୍ୟାର ନିଦାନ ପାଇଁ ତୃଣମୂଳ ସ୍ତରରେ କିଭଳି କାର୍ଯ୍ୟ କରାଯିବ ସେ ବିଷୟରେ ସୂଚନା ଦେଇ ଡଃ ଗିରି କହିଥିଲେଯେ; ମାନସିକ ସ୍ୱାସ୍ଥ୍ୟର ପ୍ରାଦୁର୍ଭାବ, ବୃଦ୍ଧାବୃଦ୍ଧ ଜନସଂଖ୍ୟାରେ ଏହି ସମସ୍ୟା ବିଶେଷ ଦେଖା ଦେବା, ଏହି ପରିପ୍ରେକ୍ଷୀରେ ମାନସିକ ବିଷୟବସ୍ତୁ ଅଧ୍ୟୟନ, କିଶୋର, କିଶୋରୀ ମାନଙ୍କ ଠାରେ ଦେଖା ଯାଉଥିବା ମାନସିକ ସମସ୍ୟା ଓ ଏହାର ଚିକିତ୍ସା ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯିବ। ଜିଲ୍ଲାରେ ଥିବା ୨୬ଟି ବ୍ଲକରେ ଥିବା ସମସ୍ତ ଆଦିବାସୀ କ୍ଲଷ୍ଟରରେ ଏହି ସମସ୍ୟା ଜନିତ ବିଶେଷ ପଦକ୍ଷେପ ନିଆଯିବା ସହିତ କିଭଳି ଭାବେ ଏହି ମାନସିକ ସ୍ୱାସ୍ଥ୍ୟ ଜନିତ ସଚେତନତାକୁ ତ୍ୱରାନ୍ୱିତ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ନିଜ ଅଭିଭାଷଣରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେଯେ ପରିବର୍ତ୍ତିତ ଜୀବନଶୈଳୀ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଏକ ବଡ଼ ଆହ୍ୱାନ। କାରଣ ବର୍ତ୍ତମାନ ସମୟରେ ଚାପ, ଚିନ୍ତା ଏବଂ ଉଦାସୀନତା ଗମ୍ଭୀର ସମସ୍ୟା ଭାବେ ଉଭାହୋଇଛି। ତଥାପି ଲୋକମାନେ ମାନସିକ ରୋଗକୁ ଗୁରୁତର ରୂପେ ନିଅନ୍ତି ନାହିଁ। ବିଶେଷ କରି ଏହି ସମସ୍ୟାକୁ ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କରିବା ସମୟରେ ଲଜ୍ଜାକର ମନେକରନ୍ତି। ଫଳରେ ମାନସିକ ରୋଗ ଧୀରେ ଧୀରେ ଗମ୍ଭୀର ହୋଇଯାଏ, ଆଉ ଜୀବନକୁ ବିପଦରେ ପକାଏ। ଏଥିପାଇଁ ସମସ୍ତେ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ଏବଂ ଏହି ସମସ୍ୟାକୁ କିଭଳି ତୃଣମୂଳ ସ୍ତରରେ ମୂଳୋତ୍ପାଟନ କରିହେବ ସେ ବିଷୟରେ ପ୍ରତ୍ୟେକ ମଣିଷ ଧ୍ୟାନ ଦେବା ନିହାତି ଆବଶ୍ୟକ। ଏହି କାର୍ଯ୍ୟକ୍ରମ ତଥା କର୍ମଶାଳାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ମେଡିକାଲ ଅଧିକାରୀ, କର୍ମକର୍ତ୍ତା ଏବଂ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଥିଲେ ଏବଂ ଏହି କର୍ମଶାଳାରେ ଯୋଗ ଦେଇ ଏହି ଅଭିଯାନକୁ ଆଗେଇ ନେବାପାଇଁ ବିଭିନ୍ନ ମତପୋଷଣ କରିଥିଲେ।

ସଂସଦରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀଙ୍କ ଗୁଣ୍ଡାଗର୍ଦ୍ଦି ବିରୋଧରେ ବିକ୍ଷୋଭ ସମାବେଶ

ବାଲେଶ୍ୱର, ୧୯/୧୨ (ନି.ପ୍ର): ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ବିଜେପି ପକ୍ଷରୁ ଏକ ବିକ୍ଷୋଭ ସମାବେଶ ସ୍ଥାନୀୟ ଫାଣ୍ଡିଛକରେ ଅନୁଷ୍ଠିତ ହୋଇଯାଇଅଛି। ରାହୁଲ ଗାନ୍ଧୀଙ୍କ ଆକ୍ରମଣରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁତର ଆହତ ହୋଇ ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ଆୟୋଜିତ ବିକ୍ଷୋଭ ସମାବେଶରେ ସଦର ବିଧାୟକ ମାନସ କୁମାର ଦତ୍ତ ଏହାକୁ ଘୋର ନିନ୍ଦା କରିବା ସହିତ କଂଗ୍ରେସକୁ ଚେତାବନୀ ଦେଇ କହିଛନ୍ତି କଂଗ୍ରେସ ତାର ଚରିତ୍ର ନ'ବଦଳାଇଲେ ଆଗାମୀ ଦିନରେ ଏହାର ପରିଣାମ ଭୟାଭୟ ହେବ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମହାପାତ୍ର କଂଗ୍ରେସ ଦଳକୁ ହିଂସାର ପୃଷ୍ଟପୋଷକ ଓ ଗଣତନ୍ତ୍ରର ହତ୍ୟାକାରୀ ବୋଲି କହିଥିଲେ। ଏହା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଆକ୍ରମଣ ନୁହେଁ ଏହା ସମଗ୍ର ବାଲେଶ୍ୱର ସଂସଦୀୟ କ୍ଷେତ୍ର ଉପରେ ଆକ୍ରମଣ ବୋଲି କହିଥିଲେ। ସମାବେଶରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଲମ୍ବୋଦର ନାୟକ, ଜୀବନ ପ୍ରଦୀପ ଦାଶ, ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ଶ୍ରୀନିବାସ ପ୍ରଧାନ, କମଳଲୋଚନ ଦାସ, ବିଜୟ ସାହୁ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଗୌରାଙ୍ଗ ଦାସ, ପ୍ରବୀର ଶଙ୍କର ଦାସ, ଶିପ୍ରା ବାଜପେୟୀ, ଆଶିଷ ଘୋଷ, ବିକାଶ ପାଢୀ, ସୁଶାନ୍ତ ବେରା, ଶିପ୍ରାରେଖା ମହାପାତ୍ର, ଅନୀଲ ସାହୁ, ସନ୍ତୋଷ ସେଠୀ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟଶିବସୁନ୍ଦର ଦାସ, ନିତ୍ୟ ଗୋପାଳ ସିଂ, ସୁସ୍ମିତା ପଣ୍ଡା, ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ, ଅନନ୍ତ ନାୟକ, ଈଶ୍ୱର ଚନ୍ଦ୍ର ବେହେରା, ଭାରତୀ ପାତ୍ର, ସୁରଝଙ୍କାର ସେଠୀ, ସ୍ୱାଧିନ ପଣ୍ଡା, ଅନ୍ନପୂର୍ଣ୍ଣା ଚାନ୍ଦ, ମଧୁଶ୍ରୀ ପଣ୍ଡା, ମମତା ମହାପାତ୍ର, କମଳା ବିନ୍ଧାଣି, ଶୈଳେନ୍ଦ୍ର ପ୍ରସାଦ ଦାଶ, ଶିରିଆ ଦାସ, ବିଜୟ ଭାରତୀ, ଜୋଗେନ ଚନ୍ଦ୍ର ରଣା, ବରୁଣ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ବିପ୍ଳବ ଯାଦବ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ବିକ୍ଷୋଭ ସମାବେଶ ଉପରାନ୍ତେ ଉପସ୍ଥିତ କର୍ମୀ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ବେତନଟୀ ପ୍ରିମିୟର ଲିଗ୍ ଚତୁର୍ଥ ଦିନ: ବାହାନଡା ଟାଇଗର ଓ ଆରିୟନ ଫାଇଟର ବିଜୟ

BPL
RAGHUNATH SANITARY & MACHINERY
BPL-XI
MAN OF THE MATCH

ବେତନଟୀ, ୧୯/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ଚତୁର୍ଥ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ଟି ଦାନି ବାହାନଡା ଟାଇଗର ଓ ମା ଦୁର୍ଗା ଫାଇଟର ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଆରିୟନ ଫାଇଟର ଓ ୧୧ ଷ୍ଟାର ମୋରଡା ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ମା ଦୁର୍ଗା ଫାଇଟର ୨୦ ଓଭରରେ ୯ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଫାଇଟର ୧୯ ଓଭରେ ରେ ୬ ଟି ୱିକେଟ ହରାଇ ୧୩୮ ରନ କରି ବିଜୟ ଲାଭ କରିଥିଲା। ବାହାନଡା ଫାଇଟର ର ଶଙ୍କର ସାହୁ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ୧୧ ଷ୍ଟାର ମୋରଡା ନିର୍ଦ୍ଧାରିତ ୧୯.୧ ଓଭର ରେ ସମସ୍ତ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରଥିଲା। ଜବାବରେ ଆରିୟନ ଫାଇଟର ୧୯.୧ ଓଭରରେ ୬ ୱିକେଟ ହରାଇ ୧୨୮ ରନ କରି ବିଜୟ ଲାଭ କରିଥିଲା । ଏଥିରେ ଆରିୟନ ଫାଇଟର ର ଖେଳାଳି ଦୀପକ ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ କ୍ଲବ ର ସମ୍ପାଦକ ଦୀଲିପ ରାଉତ ଓ ବରିଷ୍ଠ ଖେଳାଳି କୁନା ସାହୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ଯଶୋବନ୍ତ ବେହେରା ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

ପାହାଡ଼ ପାଦଦେଶରୁ ଉଦ୍ଧାର ହେଲା ବହୁ ପୁରାତନ ବିରଳ ଦେବୀମୂର୍ତ୍ତୀ

ନୀଳଗିରି , ୧୯/୧୨ (ନି.ପ୍ର): ପାହାଡ ବଣଜଙ୍ଗଲ ମୂଳକ ନୀଳଗିରି। କଉଠି ପର୍ବତକନ୍ଦରରୁ ଝରିଆସୁଥିବା ଚିରସ୍ରୋତା ଝରଣାଜଳର ପଥରକୋରଡ ମଧ୍ୟରେ ବାବା ସଦାଶିବଙ୍କ ବାସସ୍ଥାନ ତ କଉଠି ବଣଜଙ୍ଗଲ ମଧ୍ୟରେ ଦେବୀଙ୍କ ଆସ୍ଥାନ। ପ୍ରତି କୋଣ ଅନୁକୋଣରେ ବାରିହୋଇପଡେ ଦେବସତ୍ତା। ସୋନନଦୀ କୂଳ ଅଯୋଧା ଠାରେ ବିଭିନ୍ନ ସମୟରେ ଠାବହୋଇଛି ବହୁପୁରାତନ ବୌଦ୍ଧକୀର୍ତ୍ତିରାଜି ସହ ଅନ୍ୟାନ୍ୟ ଭଗ୍ନମୂର୍ତ୍ତୀ। ତେଣୁ ହରପ୍ପା, ମହେଞ୍ଜୋଦାର ସଭ୍ୟତା ସମୟର ନୀଳଗିରିର ପ୍ରାଚୀନ ସଭ୍ୟତା ଗଢି ଉଠିଥିବା ବହୁ ପୁରାତତ୍ୱବିଜ୍ଞାନୀଙ୍କ ମତ ରହିଛି।ଏଭଳି ସଭ୍ୟତାର ସତ୍ୟତା ପ୍ରତିପାଦନରେ ଆଉ ଏକପାଦ ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ଭାଲୁକାଶୁଣି ଅନ୍ତର୍ଗତ ଆମ୍ବଝର ନିକଟସ୍ଥ କିଛି ବଦାନ୍ୟବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଇଥିବା ପ୍ରାୟ ୨ଏକର ପରିମିତ ପାହାଡି ଜାଗାରେ ଗଢିଉଠିଥିବା 'ଶକ୍ତାରାମ ଫାଉଣ୍ଡେସନ ଏଣ୍ଡ ଚ୍ୟାରିଟେବଲ୍ ଟ୍ରଷ୍ଟ' ଆନୁକୁଲ୍ୟରେ ଯୁବସନ୍ୟାସୀ ବାବା ରୁଦ୍ରବେଶ ସ୍ୱାମୀଙ୍କ ଗୋଶାଳା ଏବଂ ଆଶ୍ରମ।ବାବା ରୁଦ୍ରବେଶାନନ୍ଦ ଗିରି ଓରଫ ପ୍ରଳୟ ନାୟକ ବାଲ୍ୟକାଳରୁ ବାମପନ୍ଥୀ ଚିନ୍ତାଧାରାର ଜଣେ ଉଚ୍ଚଶିକ୍ଷିତ ଥାଇ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। କିଛିଦିନ ହିମାଳୟ ଯାଇ ସାଧୁସଂଗତ କରି ବିଷୟାମୋହ ପରିତ୍ୟାଗ କରି ସନ୍ୟାସୀ ଜୀବନ ବିତାଉଥିବା କହିଛନ୍ତି। ଏପରିକି ରାମକୃଷ୍ଣ ମିଶନ, ୟୁନିସେଫ, କେୟାର ଇଣ୍ଡିଆ ଭଳି ସଂସ୍ଥାରେ କାମ କରିଛନ୍ତି। ଅଧିକାଂଶ ସମୟରେ ରଥଯାତ୍ରା ସମୟରେ ଧାରାବିବରଣୀ ପ୍ରଦାନ, କୁଣ୍ଡଳୀ ଜାଗରଣ ଭଳି କାର୍ଯ୍ୟ କରିବାରେ ନିଜକୁ ନିୟୋଜିତ ଥିବା ସାଧୁ ବୈବାହିକ ବନ୍ଧନରେ ବାନ୍ଧି ହୋଇଥିଲେ। ଗୋଟିଏ ଝିଅ ଏବଂ ଗୋଟିଏ ପୁଅର ଜନକ ପ୍ରଳୟ ନାୟକ ଓରଫ ରୁଦ୍ରବେଶ ୧୧ବର୍ଷ ତଳୁ ସଂସାର ପରିତ୍ୟାଗ କରି ସନତନି ହିନ୍ଦୁ ଓ ବୌଦ୍ଧ ସଂସ୍କୃତିର ରକ୍ଷାପାଇଁ ନିଜକୁ ଅଘୋର ଗିରି ସମ୍ପ୍ରଦାୟରେ ସାମିଲ କରି ରୁଦ୍ରବେଶ ନାମରେ ନାମିତ କରିଥିଲେ। ଗତ ଦୁଇବର୍ଷ ତଳୁ ଉକ୍ତ ଜାଗାରେ ଏକ ଗୋଶାଳା ନିର୍ମାଣକରି ବିଶ୍ୱର ସର୍ବପ୍ରାଚୀନ ସନାତନ ସଂସ୍କୃତି ରକ୍ଷା ଉପରେ ନିଜକୁ ନିୟୋଜିତ କରିଥିଲେ। ଏହି ଗୋଶାଳାରେ ବର୍ତ୍ତମାନ ୧୨/୧୩ଟି ଗୋମାତା ରହିଥିବା ବେଳେ ସେମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱବହନ କରୁଥିବା ବେଳେ ଗତ ୧୮ତାରିଖ ବୁଧବାର ପ୍ରାୟ ୧୨ସମୟରେ ତାଙ୍କର କିଛି ଅନୁଗତ ଗୋଶାଳା ପରିସରରେ ଏକ ପଦ୍ମଗାଡିଆ(ଛୋଟ) ଖୋଳୁଥିବା ସମୟରେ ପ୍ରାୟ ଦୁଇ, ଅଢେଇ ଫୁଟ୍ ଗଭୀର ମାଟିତଳେ ଶାବଳମୁନରେ ପଥରମୂର୍ତ୍ତୀ ଦେହରେ ବାଜିଶବ୍ଦ ହୋଇଥିଲା। ପରେ ବହୁ ପରିଶ୍ରମ ପରେ ଉକ୍ତ ପଥରମୂର୍ତ୍ତୀକୁ ବାହାରକୁ ଅଣାଯାଇଥିବା ବେଳେ ଏହାର ଅଧିକାଂଶ ଭାଗ ଭଗ୍ନଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ମୂର୍ତ୍ତିର ମସ୍ତକର ଉପରଭାଗ ମୂର୍ତ୍ତୀ ଠାରୁ ଅଲଗା ହୋଇଯାଇଥିବା ବେଳେ ଏହାର ହାତ, ନାକ, ସ୍ତନଯୁଗଳ ସହିତ ଅଧିକାଂଶ ଭାଗ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୂର୍ତ୍ତୀଟିର ଆସ୍ଥାନ ତଳେ ଏକ ପାଖରେ ହସ୍ତୀର ଚିତ୍ର ଥିବାବେଳେ ଅପରପାର୍ଶ୍ୱରେ ଏକ ସିଂହର ଚିତ୍ର ରହିଛି ।ମୂର୍ତ୍ତୀଟି ଉଦ୍ଧାର କରାଯାଇ ବାବାଙ୍କ ଧ୍ୟାନ ମଣ୍ଡପ ନିକଟରେ ରଖାଯାଇଥିବା ଦେଖିବାକୁ ମିଳିଥିବା ବେଳେ ଏହା ସପ୍ତମ, ଅଷ୍ଟମଶତାବ୍ଦୀ ଭୌମକର ବଂଶୀୟ ମାନଙ୍କ ଦ୍ୱାରା ଗଢାଯାଇଥିବା ମୂର୍ତ୍ତୀ ହୋଇଥିବା ବାବା ରୁଦ୍ରବେଶ ଅନୁମାନକରି କହିଛନ୍ତି। ତେବେ ମୂର୍ତ୍ତୀଟି ତାରାଦେବୀଙ୍କ ପ୍ରତିମୂର୍ତ୍ତି ହୋଇଥାଇ ପାରେ ବୋଲି ବାବା କହିଥିବା ବେଳେ ଭଗ୍ନମୂର୍ତ୍ତୀଟିକୁ କୌଣସି ମୂର୍ତ୍ତୀ କାରିଗର ଦ୍ୱାରା ପୁନଃ ଗଢାଯିବା ପରେ ପୂଜାର୍ଚ୍ଚନା କରାଯିବ ବୋଲି ସୂଚନା ଦେଇଛନ୍ତି। ତେବେ ଉକ୍ତ ସ୍ଥାନରେ ପୁରାତନ ମୂର୍ତ୍ତି ମିଳିବା ଫଳରେ ଏଠାକାର ମାଟିତଳେ ଅନ୍ୟାନ୍ୟ ବହୁ ପୁରାତନ ମୂର୍ତ୍ତୀ ଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି। ତେବେ ସ୍ଥାନୀୟ ପ୍ରଶାସନ ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ଗୁରୁତ୍ୱଦେଇ ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ବୁଦ୍ଧିଜୀବି ଦାବୀ କରିଛନ୍ତି।





ସଂସଦରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଆକ୍ରମଣ ଘଟଣା ପ୍ରତିବାଦରେ ବାଲିଆପାଳରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

SHYAM SUNDAR

ଲଙ୍ଗଳେଶ୍ୱର, ୧୯/୧୨ (ନି.ପ୍ର): ଗୁରୁବାର ଦେଶର ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦ ଭିତରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଆକ୍ରମଣ ଘଟଣା ପ୍ରତିବାଦରେ ବାଲିଆପାଳରେ କଂଗ୍ରେସ ନେତା ରାହୁଳ ଗାନ୍ଧୀଙ୍କ କୁଶ ପୁତଳିକା ଦାହ କରାଯାଇଛି। ବିଜେପି ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ,ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ,ଖଡ଼ରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ଯୁବନେତା କ୍ଷୀତିସ କୁମାର ଜେନା, ସତ୍ୟରଞ୍ଜନ ମଣ୍ଡଳ, ସୁଦାମ ଚରଣ ଦାସ, ସୁବାସ ସି,ପ୍ରଦୀପ ସି,ଜିତେନ୍ଦ୍ର ପାତ୍ର,ଅଦୈତ୍ୟ ବାଗ,ନୀଳକଣ୍ଠ ଜେନା,ବସନ୍ତ ବାରିକ,ସଞ୍ଜୟ ପରିଡା,ବେଜ ମାହାନା ପ୍ରମୁଖ ଯୋଗଦେଇ କଂଗ୍ରେସ ନେତା ରାହୁଳ ଗାନ୍ଧୀଙ୍କ ସଂସଦ ଭିତରେ ଏପରି ଆଚରଣକୁ ତୀବ୍ର ନିନ୍ଦା କରି କହିଥିଲେ ଯେ କଂଗ୍ରେସ ଦେଶରେ ନିଜର ସ୍ଥିତି ହରାଇ ବସିଛି। ଯାହା ଫଳରେ ନିଜର ହିତାହିତ ଜ୍ଞାନ ଭୁଲି ଏପରି କାର୍ଯ୍ୟ କରି ଚାଲିଛନ୍ତି।ବିଜେପି ଠିକଣା ସମୟରେ ଠିକ ଜବାବ ଦେବ ବୋଲି କହିଥିଲେ। ଶେଷରେ ବହୁ ବିଜେପି କର୍ମୀ ଉପସ୍ଥିତ ହୋଇ ରାହୁଳ ଗାନ୍ଧୀଙ୍କ କୁଶ ପୁତଳିକା ଦାହ କରିଥିଲେ।

ବିଲଡରଙ୍କୁ ସୁପ୍ରିମକୋର୍ଟଙ୍କ ଛାଟ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ବିଲଡରଙ୍କୁ ସୁପ୍ରିମକୋର୍ଟଙ୍କ ଛାଟ । ନିୟମ ବିରୁଦ୍ଧରେ ନିର୍ମାଣ ହୋଇଥିବା ଘରକୁ ମିଳିବନି ସର୍ବକ୍ଷମା ଏମିତିକି ବେଆଇନ୍ ଘରକୁ ମିଳିବନି ବିଜୁଳି ମିଳିବନି ପାଣି। ନିୟମ ବିରୁଦ୍ଧରେ କନଷ୍ଟ୍ରକସନ କରିଥିଲେ ଘର ବି ଭାଙ୍ଗିବେ ସରକାର। ଅକୁପେନସି ସାର୍ଟିଫିକେଟ ନଥିବା ଆପାର୍ଟମେଂଟକୁ ମିଳିବନି ବିଦ୍ୟୁତ, ପାଣି ଏହା ସହ ମୁନିସପାଲଟି ଟ୍ରେଡ ଲାଇସେନ୍ସ ନ ମିଳିବା ସହ ବ୍ୟାଙ୍କ ବି ଦେବନି ଲୋନ। ୟୁପିରେ ଏକ ମାମଲାର ବିଚାର କରି ମାନ୍ୟବର ସୁପ୍ରିମକୋର୍ଟ ଦେଇଛନ୍ତି କଡ଼ା ନିର୍ଦ୍ଦେଶ । ସହରାଂଚଳରେ ନିୟମ ବିରୁଦ୍ଧରେ କରାଯାଇଥିବା ନିର୍ମାଣକୁ ସରକାରଙ୍କୁ ଘର ଭାଙ୍ଗିବା ସହ ସଂପୃକ୍ତ ଘରକୁ ପାଣି ବିଜୁଳି ନ ଦେବା ପାଇଁ ବାରଣ କରିଛନ୍ତି ମାନ୍ୟବର ସୁପ୍ରିମ କୋର୍ଟ। ଏମିତିକି ନିର୍ମାଣ ଧିନ କୋଠା ବା ଆପର୍ଟମେଂଟ ଯେଉଁ ଅଧିକାରୀଙ୍କ ଅଂଚଳରେ ଆସୁଛି ସଂପୃକ୍ତ ଅଧିକାରୀଙ୍କ ବିନା ଅନୁମତିରେ କୋଠା ନିର୍ମାଣ ହେଲେ ତା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ମାନ୍ୟବର ସୁପ୍ରିମକୋର୍ଟ।

ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ

ଜୟପୁର, ୧୯/୧୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ଯମୁନାଗୁଡା ଓ ଅନ୍ତାରେ ଚଢଉ କରିଛି ଅବକାରି ବିଭାଗ। ଚଢଉ କରି ଯମନୁଗୁଡାରେ ମିନ ବିଷୋୟି ଓ ଅନ୍ତାରେ ଜଣେ ମହିଳାଙ୍କୁ ଗିରଫ କରିଛି । ଦୁଇ ଅଭିଯୁକ୍ତଙ୍କ ଠାରୁ ୧୫ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବାକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

କଟନୀ ଛଟନୀ ବନ୍ଦ ନହେଲେ ହେବ କଡ଼ା ଆକ୍ସନ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): କଟନୀ ଛଟନୀ ବନ୍ଦ ନହେଲେ ହେବ କଡ଼ା ଆକ୍ସନ। ଧାନ ମଣ୍ଡିରେ ଚଳିବନି ଦଲାଲ ରାଜ । ଦଲାଲ ମାନଙ୍କ ଉପରେ ନିଆଯିବ ଦୃଢ଼ ଆକ୍ସନ। ଯେଉଁ ଅଫିସର ଦଲାଲଙ୍କୁ ସହାୟତା କରିବ ତାଙ୍କ ଉପରେ ବି ହେବ ଆକ୍ସନ। ପୁଣି ଥରେ ଚରମବାଣୀ ଶୁଣାଇଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ନୂଆପଡ଼ାରେ ଦଲାଲ ମାନଙ୍କୁ ସହଯୋଗ କରୁଥିବା ଜଣେ ଅଫିସରଙ୍କୁ ଗତକାଲି ନିଲମ୍ବିତ କରାଯାଇଛି । ଆଜି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି, କଟନୀ ଛଟଣୀ ବନ୍ଦ ନହେଲେ ଅଫିସର ମାନଙ୍କ ଉପରେ ହେବ ଆକ୍ସନ । ବିଭାଗକୁ ଦୁର୍ନୀତିମୁକ୍ତ କରାଯିବ, ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida